୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.176 Bhubaneswar Sunday August 18 2024 ୨୬ତମ ବର୍ଷ ସଂଖ୍ୟା-୧୭୬ ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ବିଜୁଳି ମାରି ଦେଲା ୧୦, ୧୭ ଆହତ

ଭୁବନେଶ୍ୱର,୧୭।୮(ପି.ଏନ): ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତରେ ଏକ ଦମ୍ପତିଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି। ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡା, ଗଞ୍ଜାମ, ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଏହି ଘଟଣାଗୁଡିକ ଘଟିଛି। ଆଉ ଅଧିକାଂଶ ବିଲରେ କାମ କରୁଥିବା ବେଳେ ହିଁ ବିଜୁଳି ମାରିଛି। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ସିଙ୍ଗାରାପୁରା ଗାଁ ବିଲରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ଲକ୍ଷ୍ମଣ ମୁର୍ମୁ ଓ ତାଙ୍କ ସ୍ତ୍ରୀ ସାକର ମୁର୍ମୁ। ସେମାନେ ବିଲରେ କାମ କରୁଥିବା ବେଳେ ବିଜୁଳି ମାରିଥିଲା।ଭଦ୍ରକ ଜିଲ୍ଲା ଆଗରପଡା ଥାନା ସାହୁପଡାରେ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ଅମର ସେଠୀ (୨୯)। ସେହିଭଳି ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାଁ ଚକ୍ରଧର ଦାସ (୫୮)। ଉଭୟରେ ବିଲରେ କାମ କରୁଥିବା ବେଳେ ବିଜୁଳି ମାରିଥିଲା।ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବିଜୟନଗର ପଞ୍ଚାୟତ ଗୋବିନ୍ଦପୁର ଗାଁରେ ବଜ୍ରାଘାତରେ ହେମନ୍ତ ବାରିକଙ୍କ ମୃତ୍ୟୁ ଘଟିଥିବା ବେଳେ କାଣ୍ଡଗରଡି ପଞ୍ଚାୟତର ହିମାଂଶୁ ବାରିକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।



## କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ବଡ କଥା କହିଲେ ସୌରଭ ଗାଙ୍ଗୁଲି

କୋଲକାତା,୧୭।୮(ପି.ଏନ): କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାକୁ ନେଇ ହଇଚଇ ଜାରି ରହିଛି। ଏହା ବିରୋଧରେ ପୂରା ଦେଶରେ ବିକ୍ଷୋଭ ହେଉଛି। କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଘଟଣାର ତଦନ୍ତ କରୁଛି ଓ ୩୦ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି।ଏସବୁ ଭିତରେ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଘଟଣାକୁ ନେଇ ବଡ ବୟାନ ଦେଇଛନ୍ତି। ସେ ଘଟଣାକୁ ନିନ୍ଦା କରିବା ସହ ଦଣ୍ଡ ଯେମିତି ମିଳିବା ଉଚିତ ବୋଲି କହିଛନ୍ତି। ଘଟଣା ଉପରେ ସେ ପୂର୍ବରୁ ଦେଇଥିବା ବୟାନ ଉପରେ ମଧ୍ୟ ସ୍ପଷ୍ଟୀକରଣ ରଖିଛନ୍ତି।



## ଭିଜିଲାନ୍ସ ଜାଲରେ ଆସିଷ୍ଟାଣ୍ଟ କମିଶନର, ୫ ଲକ୍ଷ ସରକାରୀ ଟଙ୍କା ହଡପ ଅଭିଯୋଗ

ଭୁବନେଶ୍ୱର,୧୭।୮(ପି.ଏନ): ଆସିଷ୍ଟାଣ୍ଟ କମିଶନରଙ୍କ ଘରେ ଭିଜିଲାନ୍ସ ରେଡ୍। ଯାଜପୁର ଉଞ୍ଚ ୫ ଏଝଞ୍ଜ ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ତାଙ୍କ ନାଁରେ ୫ ଲକ୍ଷ ୮୫ ହଜାର ସରକାରୀ ଅର୍ଥ ହଡପ ଅଭିଯୋଗ ହୋଇଥିଲା। ଏକକାଳୀନ ୫ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱର, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡାରେ ରେଡ୍ ଜାରି ରହିଛି। ଭୁବନେଶ୍ୱର ସ୍ଥିତ ୟୁନିଟ୍?-୨ ସ୍ଥିତ ସରକାରୀ ବାସ ଭବନ, ବରମୁଣ୍ଡାରେ ଥିବା ଘରେ, ନିରାକାରପୁର ସ୍ଥିତ ଘର ଓ ଫାର୍ମ ହାଉସ, ପାଟକୁରା ଯଦୁପୁର ସ୍ଥିତ ପୈତୃକ ଘରେ ରେଡ୍ ଜାରି ରହିଛି।

### ପୁଣି ଥରେ ରାସନକାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ; ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୧୭।୮(ପି.ଏନ): ପୁଣି ଥରେ ରାସନକାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ । ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ଦେବାକୁ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିବା କହିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି ଓଡ଼ିଶା ଲୋକଙ୍କ ଗହମ ପାଇଁ ଚାହିଦାକୁ ଦୃଷ୍ଟିରେ ରଖି ଦାବି ରଖିଛି । ତେବେ ପୂର୍ବରୁ ରାସନ କାର୍ଡ ହିତାଧିକାରୀଙ୍କୁ ମିଳୁଥିବା ଗହମ କୁ ବନ୍ଦ କରି ଅଧିକ ଚାଉଳ ଦେବାକୁ କେନ୍ଦ୍ରକୁ ଦାବି କରି ଗହମ ଯୋଗାଣକୁ ବନ୍ଦ କରିଦିଆ ଯାଇଥିଲା ।ସେବେକାର ବିଜେଡି ସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ । ବର୍ତ୍ତମାନ ଖାଦ୍ୟ ଯୋଗାଣ ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ରାସନ କାର୍ଡ ହିତାଧିକାରୀଙ୍କୁ ପୁଣି ଥରେ ପୂର୍ବ ଭଳି ଚାଉଳ ସହ ଗହମ ମିଳିବାକୁ ଯାଉଛି।

### ଭୁବନେଶ୍ୱରରୁ ସିମ୍ ବକ୍ସ ମିଳିବା ଘଟଣା: ବାଂଲାଦେଶରେ ଥିଲା ହ୍ୟାଣ୍ଡଲର, ପାକିସ୍ତାନ ଓ ଚୀନରୁ ଆସୁଥିଲା କଲ

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରୁ ସିମ୍ ବକ୍ସ ଜବତ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପୁଲିସ କମିଶନର ସଞ୍ଜୀବ ପଣ୍ଡା ସିମ୍ ବକ୍ସ ଜବତ ଘଟଣାରେ ବାଂଲାଦେଶ ଲିଙ୍କ୍ ରହିଥିବା ସ୍ପଷ୍ଟ କରିଛନ୍ତି। ସିମ୍ ବକ୍ସ ବାଂଲାଦେଶ ସୀମା ଦେଇ ପଶ୍ଚିମବଙ୍ଗ ପରେ ଭୁବନେଶ୍ୱରରେ ପହଞ୍ଚିଥିଲା। ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଜରିଆରେ ବାଂଲାଦେଶର ଆଶାଦୁର ଜମାନ ହିଁ ଏହାକୁ ଅପରେଟ କରୁଥିଲା।ସିମବକ୍ସ ସହ ବାଂଲାଦେଶୀ ଲିଙ୍କ ପଦାରେ ପଡିବା ପରେ ପୁଲିସର ଚିନ୍ତା ବଢିଯାଇଛି।

## ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ଛାଡିଲେ ଅସିତ୍ ତ୍ରିପାଠୀ

ଭୁବନେଶ୍ୱର,୧୭।୮(ପି.ଏନ): ପଶ୍ଚିମଓଡିଶା ବିକାଶ ପରିଷଦର ଅଧକ୍ଷ ପଦରୁ ପୂର୍ବତନ ମୁଖ୍ୟସଚିବ ଅସିତର ଇସ୍ତଫାକୁ ରାଜ୍ୟ ସରକାର ଆଜି ଅପରାହ୍ନରୁ ଗ୍ରହଣ କରିଥିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ତ୍ରିପାଠୀଙ୍କୁ ବିଜେଡି ସରକାର ୨୦୨୦ ଡିସେମ୍ବର ମାସରେ ପଶ୍ଚିମଓଡିଶା ବିକାଶ ପରିଷଦ ଅଧକ୍ଷ ପଦରେ ଥଇଥାନ କରିଥିଲେ ।ଆଜି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପଶ୍ଚିମଓଡିଶା ବିକାଶ ପରିଷଦ ଅଧକ୍ଷ ଶ୍ରୀ ତ୍ରିପାଠୀଙ୍କ ଇସ୍ତଫାକୁ ଆଜି ଅପରାହ୍ନରୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ।ତେବେ ଶ୍ରୀ ତ୍ରିପାଠୀ ରାଜ୍ୟ ସରକାରଙ୍କୁ କେବେ ନିଜର ଇସ୍ତଫା ପତ୍ର ପଠାଇଥିଲେ ତାହା ଜଣାପଡିନି ।



## ଅଗଷ୍ଟ ୧୯ ଓ ୨୬ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି: ଜାରି ହେଲା ସୂଚନା

ଭୁବନେଶ୍ୱର,୧୭।୮(ପି.ଏନ): ଅଗଷ୍ଟ ୧୯ ଓ ୨୬ ତାରିଖ ଦୁଇଦିନ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି । ୧୯ରେ ରକ୍ଷା ବନ୍ଧନ ପଡୁଥିବା ବେଳେ ୨୬ରେ ଜନ୍ମାଷ୍ଟମୀ ପଡୁଛି । ଏହି ଦୁଇ ଦିନ ସରକାରୀ ଛୁଟିଦିନ ଥିବାରୁ ଉକ୍ତ ଦୁଇ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବା ଓ ବନ୍ଦ ହେବା ନେଇ ଜନସାଧାରଣଙ୍କୁ ନିୟମିତ ଭାବେ ସୂଚିତ କରାଯାଉଛି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି । ଏହା ପୂର୍ବରୁ ଗତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା । ଏନେଇ ମଧ୍ୟ ସୂଚନା ଜାରି କରାଯାଇଥିଲା । ସେହିପରି ଗତ ମାସ ୨୨ ତାରିଖରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା । ୨୨ ତାରିଖ ଠାରୁ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାରୁ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଥିଲା । ସୂଚନାଯୋଗ୍ୟ ଯେ, ବର୍ଷ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିବା ବେଳେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନତାଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବା ସହ ତା'ର ସମାଧାନ କରୁଛନ୍ତି ।

## ଆସିଲା ଦୁଃଖ ଖବର: ପୂର୍ବତନ ବିଧାୟକ ସୁନ୍ଦର ମୋହନ ମାଝୀଙ୍କ ପରଲୋକ

ଭୁବନେଶ୍ୱର,୧୭।୮(ପି.ଏନ): ରାଜ୍ୟ ରାଜନୈତିକ କ୍ଷେତ୍ରରୁ ଆସିଛି ଏକ ଦୁଃଖଦ ଖବର । ପୂର୍ବତନ ବିଧାୟକ ସୁନ୍ଦର ମୋହନ ମାଝୀ ଆଉ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲା ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁନ୍ଦର ଗତକାଲି ସକାଳେ ରାଜଧାନୀ ଭୁବନେଶ୍ୱର ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଶ୍ରୀ ମାଝୀ ଦୀର୍ଘଦିନ ଧରି ରାଜଧାନୀର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ୧୯୮୦ ବିଧାନସଭା ନିର୍ବାଚନରେ ଶ୍ରୀ ମାଝୀ କଂଗ୍ରେସ ଟିକେଟରେ ପ୍ରାର୍ଥୀ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତର ଶ୍ରୀରାମପୁର ଗ୍ରାମ ତାଙ୍କର ପୈତୃକ ଗାଁ ହୋଇଥିବା ବେଳେ ସେ ବଡମଣଦା ଗ୍ରାମରେ ରହୁଥିଲେ । ଶ୍ରୀ ମାଝୀଙ୍କ ବିୟୋଗରେ ରାଜ୍ୟ ରାଜନୈତିକ କ୍ଷେତ୍ର ସହ ଜଡିତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ତାଙ୍କର ବନ୍ଧୁ ପରିଜନ, ଶୁଭେଚ୍ଛୁଙ୍କ ମଧ୍ୟରେ ଶୋକର ଲହରୀ ଖେଳିଯାଇଛି ।

## ଆସିଲେନି ବିରୋଧୀ ବିଧାୟକ: ଗୃହରେ ହଙ୍ଗାମା ନକରିବାକୁ ନୂଆ ବିଧାୟକମାନଙ୍କୁ ପରାମର୍ଶ ଦେଲେ କିରେନ୍ ରିଜୁ

ଭୁବନେଶ୍ୱର,୧୭।୮(ପି.ଏନ): ବିଧାନସଭା କିମ୍ବା ସଂସଦରେ ହଙ୍ଗାମା କଲେ ଖବରର ଶିରୋନାମା ପାଲଟିବେ କିନ୍ତୁ ଲମ୍ବା ରାଜନୀତିକ କ୍ୟାରିୟର ସୁନିଶ୍ଚିତ କରିପାରିବେ ନାହିଁ । ଜଣେ ବିଧାୟକ ଅବା ସାଂସଦଙ୍କୁ ଉତ୍ତମ ଆଚରଣ ଓ ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ଆହରଣ କରିବାର ଆବଶ୍ୟକତା ରହିଛି । ଏହା ହିଁ ସେମାନଙ୍କର ପ୍ରଦର୍ଶନକୁ ପ୍ରଭାବଶାଳୀ କରାଇବାରେ ସହାୟକ ହେବ। ଗୃହରେ ହଙ୍ଗାମା କରି ମିନିଟ୍ ଅବା ଦୁଇ ମିନିଟ୍ ପାଇଁ ଖବରରେ ରହିବେ କିନ୍ତୁ ଲମ୍ବା କ୍ୟାରିୟରରେ ଏହା ସହାୟକ ହେବନି ।ଆଜି ଏଭଳି ଢଙ୍ଗରେ ସପ୍ତଦଶ ବିଧାନସଭାର ନବନିର୍ବାଚିତ ବିଧାୟକମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜୁ । ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବିଧାୟକମାନଙ୍କର ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଜ୍ଞାନସଂସ୍କାର'ର ଉଦଘାଟନକୁ ବିରୋଧ କରି ଦୁଇ ପ୍ରମୁଖ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଅନୁପସ୍ଥିତ ରହିଥିଲେ । ବିଧାନସଭା ଇତିହାସରେ ଏଭଳି କାର୍ଯ୍ୟକ୍ରମକୁ ଦୁଇଟି ବିରୋଧୀ ଦଳ ବିରୋଧ କରି ଅନୁପସ୍ଥିତ ରହିବା ଘଟଣା ପ୍ରଥମ ବୋଲି ଜଣାପଡିଛି । ତେବେ ଏହି କାର୍ଯ୍ୟକ୍ରମରେ ଆଜି ଅତିଥି ଥିବା ବିଜେଡିର ଦୁଇ ନେତା ପ୍ରଫୁଲ୍ଲ ଘଡ ?ଇ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଅନୁପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଅସୁସ୍ଥତା ଦର୍ଶାଇ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ ବୋଲି ସୂଚନା ମିଳିଛି ।



## ରଡ୍ ଓ ନିଆଁ ହୁଳା ଦେଖାଇ ହାତୀକୁ ତଡୁଥିଲେ, କିନ୍ତୁ ଘଟିଲା ଏମିତି ଘଟଣା

ଭୁବନେଶ୍ୱର,୧୭।୮(ପି.ଏନ): ସ୍ପାଇକଡ ରଡ୍ ଓ ନିଆଁ ହୁଳା ଦେଖାଇ ବନ୍ୟଜନ୍ତୁମାନଙ୍କୁ ତଡିବା କଳା ଗୋଟିଏ ହାତୀର ଜୀବନ ନେଇଛି। ପଶ୍ଚିମବଙ୍ଗର ଝରଗ୍ରାମ ଜିଲ୍ଲାରେ ଗୁରୁବାର ଏପରି ଘଟଣା ଘଟିଥିବା ବେଳେ ଆଜି ପରିବେଶବିତ ପ୍ରେରଣା ସିଂହ ବିନ୍ଦ୍ରା ଘଟଣାକୁ ସୋଶାଲ ମିଡିଆ ଜରିଆରେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ଏଥିସହ ହୁଳା ଟିମ କେମିତି ନିଆଁ ଓ ରଡ୍ ଦ୍ୱାରା ଗୋଟିଏ ହାତୀକୁ ଜଙ୍ଗଲ ଭିତରକୁ ତଡିବାକୁ ଚେଷ୍ଟା କରୁଛନ୍ତି, ତା'ର ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି ।ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସକାଳେ ୨ଟି ଛୋଟ ଛୁଆଙ୍କ ସମେତ ୬ଟି ହାତୀ ରାଜ କଲେଜ କଲୋନୀରେ ପ୍ରବେଶ କରିଥିଲେ। ସେମାନେ ପ୍ରଥମେ କିଛି କାନ୍ଥ ଭାଙ୍ଗି ଦେଇଥିଲେ। ଏହାର ଘଣ୍ଟାକ ପରେ ହାତୀଗୁଡିକ କଲୋନୀର ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଦଳି ଦେଇଥିଲେ।



## ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ଏମିତି ସନ୍ଦେହ କଲେ ବାପା

ଭୁବନେଶ୍ୱର,୧୭।୮(ପି.ଏନ): କୋଲକାତାର ଗୋଟିଏ ସରକାରୀ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାର ତଦନ୍ତ ସିବିଆଇ ଜାରି ରଖିଛି। ଏହାରି ଭିତରେ ପୀଡିତାଙ୍କ ବାପା ଝିଅର ହତ୍ୟା ସ୍ଥଳକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ।ସମ୍ଭବତଃ ତାଙ୍କ ଝିଅଙ୍କୁ ହସ୍ପିଟାଲର ଆଉ କେଉଁ ରୁମରେ ହତ୍ୟା କରାଯାଇଥିଲା ଓ ମୃତଦେହକୁ ପରବର୍ତ୍ତୀ ଅବସ୍ଥାରେ ସେମିନାର ହଲକୁ ଅଣାଯାଇଥିଲା ବୋଲି ସେ ଆଶଙ୍କା କରିଛନ୍ତି ।ସେ ଗଣମାଧ୍ୟମକୁ କହିଛନ୍ତି ଯେ "ଆମେ ପୁଲିସ୍ ?ର ତ୍ରୁଟିକୁ ଠାବ କରିଛୁ ଓ ସିବିଆଇକୁ କହିଛୁ। ଝିଅକୁ ସେମିନାର ହଲରେ ହତ୍ୟା କରାଯାଇଥିଲା କି ନାହିଁ, ତା'କୁ ନେଇ ଏବେ ଆମେ ସନ୍ଦେହ କରୁଛୁ। ସମ୍ଭବତଃ ତା'କୁ ଆଉ କେଉଁ ଠାରେ ହତ୍ୟା କରାଯାଇଛି। ଆମର ସିବିଆଇ ଉପରେ ପୂରା ଭରସା ରହିଛି।




## କେନ୍ଦ୍ରାପଡା କଲେଜକୁ ସରକାରୀ ମାନ୍ୟତା ଦାବି

କେନ୍ଦ୍ରାପଡା,୧୭।୮,(ପି.ଏନ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ପାଇଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ହେଉଛି ଜିଲ୍ଲାର ସର୍ବପୁରାତନ ମହାବିଦ୍ୟାଳୟ। ଏହା ୧୯୫୯ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହି ମହାବିଦ୍ୟାଳୟରୁ ଅଧ୍ୟୟନ କରି ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ଏହି ମହାବିଦ୍ୟାଳୟରେ ଏବେ ୨୫ଶହରୁ ଅଧିକ +୨ ଛାତ୍ରଛାତ୍ରୀ ଓ ୩୫ଶହରୁ ଅଧିକ +୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେହିପରି ୧୫ଟି ବିଷୟରେ ପିଜି ପାଠ୍ୟକ୍ରମ ରହିଛି। ଏଥିରେ ୩୫୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହାସହ ବିବିଏ, ବିସିଏ, ବି.ଲାଇବ୍ରେରୀ ଭଳି ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଛି। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ପାଇଁ ବହୁ ସୁନାମ ଧନ୍ୟ ଅଧ୍ୟାପକ, ଅଧ୍ୟାପିକା ଅଛନ୍ତି। ମହାବିଦ୍ୟାଳୟ ପରିସରରେ ଲାବୋରୋଟୋରୀ, ଜିମନାସିଅମ, ପ୍ରେକ୍ଷାଳୟ, ଛାତ୍ରାବାସ ଓ ଛାତ୍ରୀନିବାସ, ଇନଡୋର ଷ୍ଟାଡିୟମ, ପ୍ରଶାସନିକ ଭବନ ରହିଛି। ଏହିସବୁ ସୁବିଧା ପାଇଁ ଏହି କଲେଜକୁ ନାକ୍ ମାନ୍ୟତା ମିଳିଛି। ଏହା ବିଶ୍ୱ ବିଦ୍ୟାଳୟରେ ରୁପାନ୍ତରିତ ହେବା ପାଇଁ ମଧ୍ୟ ଯୋଗ୍ୟ ଅଟେ। କିନ୍ତୁ ବିଶ୍ୱ ବିଦ୍ୟାଳୟରେ ପରିଣତ ହେବାକୁ ହେଲେ ମହାବିଦ୍ୟାଳୟଟି ପ୍ରଥମେ ସରକାରୀ ମାନ୍ୟତା ପ୍ରାପ୍ତ ହେବା ଆବଶ୍ୟକ। ଜିଲ୍ଲାରେ ଗୋଟିଏ ହେଲେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ନାହିଁ। ତେଣୁ ଏହି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କଲେ ବିଭିନ୍ନ ଉତ୍ସରୁ ଅଧିକରୁ ଅଧିକ ଅନୁଦାନ ଆସିପାରିବ। ଫଳରେ ଛାତ୍ରଛାତ୍ରୀମାନେ ଉଚ୍ଚମାନର ଓ ଗୁଣାତ୍ମକ ଶିକ୍ଷା ପାଇପାରିବେ । ସେହିପରି ଏହା ସରକାରୀ କଲେଜରେ ପରିଣତ ହେଲେ ଗରିବ ଛାତ୍ରଛାତ୍ରୀମାନେ ନାମଲେଖା ଓ ପୁନଃ ନାମଲେଖା ସ୍ୱଳ୍ପ ଅର୍ଥରେ କରିପାରିବେ। ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ ଏହା ପରିସରରେ କାର୍ଯ୍ୟ କରୁଛି। ଦୀର୍ଘ ଦିନ ଧରି କେନ୍ଦ୍ରାପଡାର ଜନସାଧାରଣ ଏହାକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ପାଇଁ ୧୯୯୦ମସିହାରୁ ଦାବି କରି ଆସୁଛନ୍ତି। ଏହି ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି। ତେଣୁ ଏହାକୁ ତୁରନ୍ତ ସରକାରୀ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଉ ବୋଲି ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

### ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ବସ୍ତିକୁ ଅଣଦେଖା କରି ରାଉରକେଲା ସ୍ମାର୍ଟସିଟି ଗଠନ ଏକ ଅବାନ୍ତର ପରିକଳ୍ପନା

ରାଉରକେଲା (ପିଏନ୍): ସମ୍ପ୍ରତି ରାଉରକେଲାକୁ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ତେବେ ରାଉରକେଲା ମହାନଗର ନିଗମର ପ୍ରାୟ ଅର୍ଦ୍ଧାଧିକ ଅଞ୍ଚଳ ବସ୍ତି ଅଧୁଷିତ ହୋଇଥିବାରୁ ବସ୍ତି ଓ ବସ୍ତି ବାସିନ୍ଦାମାନଙ୍କୁ ଅବହେଳା କରି ରାଉରକେଲାକୁ ସ୍ମାର୍ଟସିଟିରେ ପରିଣତ କରିବା ଏକ ଅବାନ୍ତର ପରିକଳ୍ପନା ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଗତ ୧୯ ତାରିଖରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ୱାର୍ଡ ନମ୍ବର ୧୧ର ଅମରନାଥ ବସ୍ତି, କ୍ଷେତି ବସ୍ତି ଓ ମସଜିଦ୍ ଗଳି ବୁଲି ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିବା ସହିତ ବସ୍ତିବାସୀଙ୍କୁ ଭେଟି ଆଲୋଚନା କରିଥିଲେ । ବସ୍ତିରେ ନିର୍ମିତ ରାସ୍ତା ଭୁଷୁଡି ପଡିଥିବା ବେଳେ ତାର ମରାମତି ହେଉନଥିବା ଦେଖିଥିଲେ । ଆବଶ୍ୟକୀୟ ବିଦ୍ୟୁତ୍ ଖୁଣ୍ଟ ନ ଥିବାରୁ ଗୋଟିଏ ଗୋଟିଏ ଖୁଣ୍ଟରୁ ଶତାଧିକ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ଦେଖିଥିଲେ । ସେହିପରି ଆବଶ୍ୟକୀୟ ରାସ୍ତା ଆଲୋକ ନଥିବାରୁ ବସ୍ତିର ଆଭ୍ୟନ୍ତରୀଣ ଅଞ୍ଚଳ ଅନ୍ଧାର ରହୁଥିବା ଲୋକେ ଅଭିଯୋଗ କରିଥିଲେ ।



କ୍ଷେତି ବସ୍ତିରେ ନିର୍ମାଣାଧିନ ନାଳି ଉପରେ ସ୍ଲାବ୍ ପକାଯାଉନଥିବା ଓ ନାଳିକୁ ଅଧାରେ ଛାଡି ଦିଆଯାଇଥିବା ଦେଖିଥିଲେ । ଅନୁରୂପ ଭାବେ ବସ୍ତିର ଆଭ୍ୟ'ରୀଣ ଅଞ୍ଚଳରେ କଂକ୍ରିଟ୍ ରାସ୍ତା ଓ ନାଳି ନଥିବାରୁ ବସ୍ତିବାସୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ । ୱାର୍ଡ ନମ୍ବର ୧୩ର ଗୋପବନ୍ଧୁପାଲ୍ଲୀ, ଲୋହରା ବସ୍ତି ଓ ଆଦିବାସୀପଡା ଅଞ୍ଚଳ ଶ୍ରୀ ସେନାପତିଙ୍କ ସମେତ କଂଗ୍ରେସ କର୍ମକର୍ତ୍ତାମାନେ ବୁଲି ଲୋକଙ୍କ ସହିତ ଆଲୋଚନା କରିଥିଲେ । ଲୋହରା ବସ୍ତି ଦୀର୍ଘବର୍ଷ ତଳେ ଜିଲ୍ଲା ପରିଷଦ ତରଫରୁ ବିଆର୍‌ଜିଏଫ୍ ସ୍କିମ୍‌ରେ ନିର୍ମିତ ଶୌଚାଳୟରେ ତାଲା ଝୁଲୁଥିବା ଦେଖିଥିଲେ । ଉକ୍ତ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଗରିବ ଶ୍ରେଣୀ ଲୋକଙ୍କୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ସହାୟତା ମିଳିନଥିବାରୁ ଅନେକ ଗରିବ ଲୋକ ନିକଟସ୍ଥ ପାହାଡକୁ ଶୌଚ ପାଇଁ ବ୍ୟବହାର କରୁଥିବା କହିଥିଲେ । ସେହିପରି ଉକ୍ତ ଅଞ୍ଚଳରେ ନାଳି ସଫେଇ ହେଉନଥିବା ବେଳେ ଆବଶ୍ୟକୀୟ ନାଳି ନିର୍ମାଣ କରାଯାଉ ନଥିବା ବସ୍ତିବାସୀ ଅଭିଯୋଗ କରିଥିଲେ । ଗତ କିଛିଦିନ ତଳେ ଆଦିବାସୀପଡାରେ ନିର୍ମିତ ମାଇକ୍ରୋ ଆକ୍ଟିଭିଟି ସେଣ୍ଟରର ନିମ୍ନମାନର କାମ ଯୋଗୁଁ ଲଗାଯାଇଥିବା ଫାଟକ ଭୁଷୁଡି ପଡିଥିବା ଦେଖିଥିଲେ । ତେବେ ସମସ୍ତ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଜଳ ଯୋଗାଣ ସଠିକ୍ ଭାବେ ହେଉନଥିବାରୁ ପାନୀୟ ଜଳ ସଂକଟ ଲାଗି ରହୁଥିବା ଲୋକେ ଅଭିଯୋଗ କରିଥିଲେ । ଭତ୍ତାଧାରୀ ବୁଢାବୁଢି ଓ ବିଧବାମାନେ ସମ୍ପ୍ରତି ବ୍ୟାଙ୍କ ଜରିଆରେ ଭତ୍ତା ପେମେଣ୍ଟ ହେଉଥିବାରୁ ଠିକ୍ ସମୟରେ ବ୍ୟାଙ୍କକୁ ଅର୍ଥରାଶି ନ ଆସିବା ଦ୍ୱାରା ବାରମ୍ବାର ବ୍ୟାଙ୍କ ଦୌଡି ହଇରାଣ ହେବା ସହିତ ଖର୍ଚ୍ଚା' ହେଉଛି ବୋଲି କହିଥିଲେ । ତେବେ ଏସବୁ ସମସ୍ୟା ପ୍ରତି ଆର୍‌ଏମ୍‌ସି, ପିଏଚ୍‌ଇଡି, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯିବ ବୋଲି ଶ୍ରୀ ସେନାପତି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ଏହି ଗସ୍ତ କାଳରେ ଜିଲ୍ଲା କଂଗ୍ରେସର ବିପିନ ଠାକୁର, ଦିଲ୍ଲୀପ ଜେନା, ସେଖ ସମୀର, ସାରଦା ପ୍ରସନ୍ନ ଦାସ, ଇଂ.ଚନ୍ଦନ ସାହୁ, ରାଜୁ ପ୍ରସାଦ, ବିବେକ ସାହୁ, ପପୁ ଖାନ, ନିର୍ମଳା ମହାପାତ୍ର, ରବି ଯାଦବ, ବିକାଶ ପ୍ରସାଦ ଓ ମହମ୍ମଦ ଉମରଙ୍କ ସମେତ ଅନେକ ଦଳୀୟ କର୍ମୀ ସାମିଲ୍ ହୋଇଥିଲେ ବୋଲି ଜିଲ୍ଲା କଂଗ୍ରେସ ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ସ୍କାଉଟସ୍ ଏବଂ ଗାଇଡସ୍: ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ରାଜ୍ୟ ପୁରସ୍କାର ପ୍ରଦାନ




ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ୩୬ତମ ରାଜ୍ୟ ପୁରସ୍କାର ଉତ୍ସବ ତା୧୮।୦୬।୨୦୨୨ରିଖ ଅପରାହ୍ନ ୪.୩୦ ଘଟିକା ସମୟରେ ଜୟଦେବ ଭବନ ପରିସରରେ ଏକ ବର୍ଣ୍ଣାଢ୍ୟପୂର୍ଣ୍ଣ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଉର୍ଦ୍ଧ୍ୱ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର, କବ୍, ବୁଲ୍‌ବୁଲ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ପଦାଧିକାରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ଉକ୍ତ ଉତ୍ସବରେ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମହୋଦୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ରାଜ୍ୟ ସଭାପତି ତଥା ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ସମବାୟ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ମାନ୍ୟବର ବିଧାୟକ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଉପସଭାପତି ତଥା ସମାଜର ମୁଦ୍ରାକାର ଓ ପ୍ରକାଶକ ଶ୍ରୀଯୁକ୍ତ ନିରଞ୍ଜନ ରଥ, ଉପସଭାପତି ତଥା ଅଧକ୍ଷା ମହିଳା କମିଶନ ଡଃ. ମିନତୀ ବେହେରା, ଉପସଭାପତି ତଥା ଅବସରପ୍ରାପ୍ତ ନ୍ୟାୟଧୀଶ, (କ୍ୟାଟ) ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ରାଜ୍ୟପାଳଙ୍କର ପ୍ରମୁଖ ସଚିବ ଶ୍ରୀ ଶାସ୍ୱତ ମିଶ୍ର, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସମେତ ମୁଖ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଜିଲ୍ଲା ଓ ରାଜ୍ୟସ୍ତରୀୟ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ ।

ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ରାଜ୍ୟ ଶାଖା ଆନୁକୂଲ୍ୟରେ ବିଗତ ବର୍ଷରେ ହାତକୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ତଥା ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ବିଭିନ୍ନ ସେବା ତଥା ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତା ବଜାୟ ରଖିଥିବା ବିଷୟରେ ରାଜ୍ୟପାଳ ମହୋଦୟଙ୍କୁ ଅବଗତ କରାଇଥିଲେ । ସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଭବିଷ୍ୟତରେ ଓଡିଶା ସ୍କାଉଟ ଏକ ନମ୍ବର ହେବ ବୋଲି ଦୃଢ଼ୋକ୍ତି କରିଥିଲେ ।

ମୁଖ୍ୟ ଅତିଥି ମାନ୍ୟବର ରାଜ୍ୟପାଳ, ଭାରତ ସ୍କାଉଟସ୍ ଓ ଗାଇଡସ୍ ଭଳି ଏକ ବୃହତ ସ୍ୱେଚ୍ଛାସେବୀ ସଂଗଠନ ଅତୀତରେ ବହୁ ସେବାମୂଳକ କାର୍ଯ୍ୟନିର୍ବାହ କରି ପୃଥିବୀରେ ସର୍ବବୃହତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ନିଜର ସ୍ଥିତି ବଜାୟ ରଖି ପାରିଛି, ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ଦୁର୍ଘଟଣା ସମୟରେ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକୀୟ ସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି ଆଉ ଭବିଷ୍ୟତରେ ନିଶ୍ଚିତ ଭାବେ ଏହାକୁ ଅତୁଟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ । ସ୍କାଉଟ ସଂଗଠନର କାର୍ଯ୍ୟକୁ ବ୍ୟାପକ କରିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ହେତୁ ଡଃ. ପ୍ରଣବ ମହାପାତ୍ରଙ୍କୁ ମାନ୍ୟବର ରାଜ୍ୟପାଳ ସମ୍ମାନ ପତ୍ର ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲା ସ୍କାଉଟ ଗାଇଡ୍ ସମାବେଶ ପାଇଁ ବରଗଡ, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ ଏବଂ ସମ୍ବଲପୁର ଜିଲ୍ଲାକୁ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜାତୀୟସ୍ତରରେ ଲକ୍ଷ୍ମୀ ମଜୁମଦାର ପୁରସ୍କାର ପାଇବା ପାଇଁ ଏମ୍ ଏସ୍ ଏସ୍ ବିଦ୍ୟାପୀଠ, କଟକ, ସିଟି ଓମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର, ବରଗାଁ ଆଇଟି ଆଇ, ସୁନ୍ଦରଗଡ, ବାଙ୍କି ଅଟୋନୋମସ୍ କଲେଜ, କଟକ, ଏନ୍.ଜେ.ଡବ୍ଲ୍ୟୁ ରୋଭର କ୍ରିୟୁ, ଜଗତସିଂହପୁର, ଶ୍ରୀକେରଭଞ୍ଜ ଓପନ ୟୁନିଟ୍, ଗଞ୍ଜାମ ମନୋନୀତ ହୋଇ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ରାଜ୍ୟ ସଂଗଠନ କମିଶନର (ଗାଇଡ୍) ତଥା ଆଡିମିନିଷ୍ଟ୍ରେଟିଭ ଅଫିସର ଶ୍ରୀମତୀ ଅନାମିକା ଦାସଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଉତ୍ସବର ସମ୍ବର୍ଦ୍ଧନା ପର୍ବ ପରେ ଚଳିତ ବର୍ଷର ରାଜ୍ୟ ପୁରସ୍କାର ପ୍ରାପ୍ତ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, କବ୍ ଓ ବୁଲ୍‌ବୁଲ୍‌ମାନଙ୍କୁ ମାନ୍ୟବର ରାଜ୍ୟପାଳ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଚଳିତ ବର୍ଷର ପ୍ରୋକ୍ତ ଉତ୍ସବଟି ସଫଳତାର ସହ ସମାପନ ହୋଇଥିଲା ।

# ଭୂତଧାତ୍ରୀ ଶକ୍ତିପୀଠ

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି । ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି । ତେବେ ତନ୍ତ୍ର ଚୂଡ଼ାମଣିରେ ପ୍ରାୟ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି । ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠମାନଙ୍କ ମଧ୍ୟରେ "ଯୁଗାଦ୍ୟା-ଭୂତଧାତ୍ରୀ ଶକ୍ତିପୀଠ" ଅନ୍ୟତମ । ଏହି ଶକ୍ତିପୀଠ ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ବର୍ଦ୍ଧମାନ ଜିଲ୍ଲାର କ୍ଷୀର ଗ୍ରାମରେ ଅବସ୍ଥିତ ।



ହିନ୍ଦୁମାନଙ୍କର ଧାର୍ମିକ ସ୍ଥାନ ଗୁଡ଼ିକ ମଧ୍ୟରେ "ଯୁଗାଦ୍ୟା-ଭୂତଧାତ୍ରୀ ଶକ୍ତିପୀଠ" ଅନ୍ୟତମ । "ଯୁଗାଦ୍ୟା-ଭୂତଧାତ୍ରୀ" ଶକ୍ତିପୀଠରେ ମାତା ସତୀଙ୍କ ଡ଼ାହାଣ ପାଦର ଅଙ୍ଗୁଠି (ଖଣ୍ଡ) ପଡ଼ିଥିଲା । ପୌରାଣିକ କଥା ଏବଂ ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ଏକ ଚମକପ୍ରଦ କାହାଣୀ ରହିଛି । ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ କୌଣସି କାରଣରୁ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ । ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞସ୍ଥଳରେ ପହଞ୍ଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନସୂଚକ କଥା ଶୁଣାଇଲେ । ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମାତା ସତୀଙ୍କୁ ଖୁବ୍ ବାଧିଲା । ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଞ୍ଚିଲେ ଓ ରାଗରେ ଜର୍ଜରିତ ହୋଇ ନିଜ ହାତରେ ମାତା ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ ।



ଏହାଫଳରେ ସାରା ବିଶ୍ୱରେ ଚାଲିଲା ଧ୍ୱଂସଲୀଳା । ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ । ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ବିଷ୍ଣୁ ମନେ ମନେ ଏହାର ସମାଧାନର ଉପାୟ ବାହାର କଲେ । ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । କିଛି କ୍ଷଣ ମଧ୍ୟରେ ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା । ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ ।



ଏହି ଶକ୍ତିପୀଠରେ ଶକ୍ତିଙ୍କୁ "ଯୁଗାଦ୍ୟା ବା ଭୂତଧାତ୍ରୀ" ଓ ଭଗବାନ ଶିବଙ୍କୁ କ୍ଷୀର ଖଣ୍ଡକ (କ୍ଷୀର କଣ୍ଟକ) ଭାବରେ ପୂଜା କରାଯାଏ । କ୍ଷୀରଗ୍ରାମର ଭୂତଧାତ୍ରୀ ମହାମାୟାଙ୍କ ସହିତ ଦେବୀ ଯୁଗାଦ୍ୟାଙ୍କ ଭଦ୍ରକାଳୀ ମୂର୍ତ୍ତି ମିଶିଗଲା । "ଭୂତଧାତ୍ରୀ ମହାମାୟା ଭୈରବ ବା କ୍ଷୀର କଣ୍ଟକ" ଭାବେ ଏଠାରେ ପୂଜିତ ।



ବର୍ଦ୍ଧମାନ ରେଳ ଜଙ୍କସନ୍‌ରୁ ୩୯ କିଲୋମିଟର ଉତ୍ତର-ପଶ୍ଚିମରେ ତଥା କଟୱାରୁ ୨୧ କିଲୋମିଟର ଦକ୍ଷିଣ-ପଶ୍ଚିମରେ ମହାକୁମାର-ମଙ୍ଗଳକୋଟ ଥାନା ଅନ୍ତର୍ଗତ କ୍ଷୀରଗ୍ରାମରେ "ଯୁଗାଦ୍ୟା ବା ଭୂତଧାତ୍ରୀ" ଶକ୍ତିପୀଠ ଅବସ୍ଥିତ ।

ତ୍ରେତେୟା ଯୁଗରେ ଅହିରାବଣ ପାତାଳରେ ଯେଉଁ କାଳୀ ମାତାଙ୍କର ଉପାସନା କରିଥିଲେ, ସେ ହିଁ ସ୍ୱଂୟ ମାତା "ଯୁଗାଦ୍ୟା ବା ଭୂତଧାତ୍ରୀ" ଥିଲେ ବୋଲି କୁହାଯାଏ । ଆହୁରି ମଧ୍ୟ କୁହାଯାଏ ଯେ, ପାତାଳ ପୁରରୁ ରାମ-ଲକ୍ଷ୍ମଣଙ୍କୁ ଅହିରାବଣ ଠାରୁ ଛଡ଼ାଇ ଆଣି ଫେରିବା ବେଳେ ହନୁମାନ ମାତା "ଯୁଗାଦ୍ୟା ବା ଭୂତଧାତ୍ରୀ" ଙ୍କୁ ମଧ୍ୟ ନିଜ ସାଙ୍ଗରେ ଆଣିଥିଲେ ଓ କ୍ଷୀରଗ୍ରାମରେ ମାତା "ଯୁଗାଦ୍ୟା ବା ଭୂତଧାତ୍ରୀ"ଙ୍କୁ ସ୍ଥାପିତ କରିଥିଲେ ।ବଙ୍ଗଳାର ଅନେକ ଗ୍ରନ୍ଥ ବ୍ୟତୀତ 'ଗନ୍ଧର୍ବତନ୍ତ୍ର', 'ସାଧକ ଚୂଡ଼ାମଣି', 'ଶିବ ଚରିତ' ତଥା 'କୃତ୍ତିବାସୀ ରାମାୟଣ' ରେ "ଯୁଗାଦ୍ୟା ବା ଭୂତଧାତ୍ରୀ" ଦେବୀଙ୍କ ବିଷୟରେ ବ୍ୟାପକ ବର୍ଣ୍ଣନା ରହିଛି । ଏହି ଶକ୍ତିପୀଠରେ ବିଭିନ୍ନ ପର୍ବପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ । ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଧୂମଧାମରେ ପାଳନ କରାଯାଏ । ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ । ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ । ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ । ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ । ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି । ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ । ଯେଉଁ ଭକ୍ତ ମାତାଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନୋସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ । ଏଥିଯୋଗୁ ମାତା ପ୍ରତ୍ୟକ୍ଷ ଦେବୀ ବୋଲି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି ।



# ପିଲାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ

ବାଲେଶ୍ୱର (ପିଏନ୍): ସ୍ଥାନୀୟ ସଦଭାବନା ସଭାଗୃହରେ "ପିଲାଙ୍କ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦେବ, ଆକ୍ସନଏଡ୍ କାର୍ଯ୍ୟକ୍ରମ ପ୍ରବନ୍ଧକ ଶ୍ରୀ ଘାସିରାମ ପଣ୍ଡା, ମହିଳା ଓ ଶିଶୁ ବିକାଶ ବିଭାଗର ରାଜ୍ୟ ବାଲ୍ୟ ବିବାହ ନିଷେଧ ପରାମର୍ଶଦାତ୍ରୀ



ଅନୁପମା ସାହୁ ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଜିଲ୍ଲା ବାଲ୍ୟ ବିବାହ ସଂଯୋଜିକା ଶକୁନ୍ତଳା ଦାସଙ୍କ ସମେତ ଶ୍ରମ ବିଭାଗ, ଶିକ୍ଷା ବିଭାଗ, ଚାଇଲ୍ଡ ଲାଇନ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏଥିରେ ଉପସ୍ଥିତ ରହି ବାଲ୍ୟ ବିବାହ କ୍ଷେତ୍ରରେ ସମ୍ପ୍ରତି ଜିଲ୍ଲାର ସ୍ଥିତି ଓ ଜିଲ୍ଲାରୁ ବାଲ୍ୟ ବିବାହକୁ ଦୂର କରିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ସମନ୍ୱିତ ଉଦ୍ୟମରେ ଜିଲ୍ଲାରୁ ବାଲ୍ୟ ବିବାହକୁ ଦୂର କରିବା ପାଇଁ ସମସ୍ତେ ମତ ରଖିଥିଲେ । ବିଦ୍ୟାଳୟ ସ୍ତରରେ ଗଣ ଶପଥପାଠ, ଗ୍ରାମ କଲ୍ୟାଣ ସମିତି ଜରିଆରେ ଗ୍ରାମସ୍ତରୀୟ ଓ ଧାର୍ମିକ ଅନୁଷ୍ଠାନମାନଙ୍କରେ ସଚେତନତା ସୃଷ୍ଟି ପାଇଁ ଏଥିରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବାଲ୍ୟ ବିବାହ ସୂଚନା ଆସିଲା ମାତ୍ରେ ଚାଇଲ୍ଡଲାଇନ୍, ପୋଲିସ୍, ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଓ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରତ୍ୟେକ ବାଲ୍ୟ ବିବାହକୁ ରୋକିବା ଯେପରି ସୁନିଶ୍ଚିତ କରାଯାଇପାରିବ ସେଥିନିମନ୍ତେ ଏହି ଅବସରରେ ନିଷ୍ପତି ନିଆଯାଇଥିଲା । ଜିଲ୍ଲାରେ ବାଲ୍ୟବିବାହ ହେଉଥିବା ନେଇ ଠିକ୍ ସମୟରେ ସୂଚନା ପ୍ରଦାନ କଲେ ସୂଚନାପ୍ରଦାନକାରୀଙ୍କୁ ୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ କାର୍ଯ୍ୟକ୍ରମରେ ଘୋଷଣା କରାଯାଇଥିଲା । ଆଗାମୀ ଦିନରେ ବାଲ୍ୟବିବାହ ମୁକ୍ତ ଗ୍ରାମକୁ ଏକ ଅଭିଯାନ ଭାବେ ଆଗେଇ ନେବା ପାଇଁ ଉପସ୍ଥିତ ଅତିଥି ଓ ସଦସ୍ୟମାନେ ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଳିତ ବର୍ଷ ନଭେମ୍ବରରେ ହେବ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ

ବାଲେଶ୍ୱର (ପିଏନ୍)- ଦୀର୍ଘ ଦୁଇବର୍ଷର ନୀରବତା ପରେ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ କମିଟି ପକ୍ଷରୁ ଚଳିତ ବର୍ଷ ନଭେମ୍ବର ୧୦, ୧୧, ୧୨, ୧୩ ଚାରିଦିନ ଧରି ଚାନ୍ଦିପୁର ବେଳାଭୂମି ମଣ୍ଡପରେ ଅନୁଷ୍ଠିତ ହେବ ସୁବର୍ଣ୍ଣ ବେଳାଭୂମି ମହୋତ୍ସବ । ଚାନ୍ଦିପୁର ଠାରେ କୋଭିଡ୍ ଯାଗୁଁ ଦୁଇବର୍ଷ ଧରି ଏହି ଉତ୍ସବ ବନ୍ଦ ରହିଥିଲା । ଏବେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ମହୋତ୍ସବ କମିଟି ୪ ଦିନିଆ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟିର ଅଧକ୍ଷ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ପ୍ରକାଶ କରିଛନ୍ତି । କିନ୍ତୁ ଆଗାମୀ ୨୨ ଓ ୨୩ ମସିହା ପାଇଁ ପୂର୍ବଭଳି ଜାନୁଆରୀ ମାସରେ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସେ ମଧ୍ୟ ଜଣାଇଛନ୍ତି । ଗତ ମାସ ୧୭ ତାରିଖ ସନ୍ଧ୍ୟା ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଓ ସାମ୍ବାଦିକ ସମ୍ମିଳନୀ କମିଟି ତରଫରୁ ଅନୁଷ୍ଠିତ ହୋଇଥିଲା । କମିଟିର ସଂପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ଭାଗବତ ସାହୁଙ୍କ ସହଧର୍ମିଣୀ ସବିତା ସାହୁ ଇତିମଧ୍ୟରେ ପୌରାଧକ୍ଷା ବିଜୟୀ ହୋଇଛନ୍ତି । ସେ ମଧ୍ୟ କମିଟିର ଆଜୀବନ ସଦସ୍ୟ ରହିଆସିଛନ୍ତି । କମିଟି ତାଙ୍କୁ ଏହି ଅବସରରେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିପ୍ଳବ ମହାନ୍ତି, ସାଧାରଣ ସଂପାଦକ ହରେକୃଷ୍ଣ ଦାଶ, କୋଷାଧକ୍ଷ ମାଧବାନନ୍ଦ ମିଶ୍ର, ସଂପାଦକ ଭାଗବତ ସାହୁ, ଆପର୍ଣ୍ଣା ମହାପାତ୍ର, ଭାବଗ୍ରାହୀ ମହାନ୍ତି, କିଶୋର ଦାସ, ଅଜୀବନ ସଦସ୍ୟ ସତ୍ୟପ୍ରିୟ ମହାନ୍ତି, ସେକ୍ ଆଲାଲ, କେକେ ମହାରାଜ, ଅମୃତାଂଶୁ ପଟ୍ଟନାୟକ, ସନ୍ଧ୍ୟାରାଣୀ ଭୁଇଁଆଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଶ୍ରୀମାନ ଶ୍ରୀ ଚନ୍ଦନ, ପୁଣ୍ୟବ୍ରତ ମହାନ୍ତି, ସମରେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦୁର୍ଘଟଣାଗ୍ରସ୍ତ ବସ୍‌ର ପରମିଟ୍ ରଦ୍ଦ

ବାଲେଶ୍ୱର (ପିଏନ୍)- ମୟୂରଭଞ୍ଜ ଜିଲ୍ଲା ମାଣଡ୍ରୀରୁ ଭୁବନେଶ୍ୱର ଯାଉଥିବା ଏକ ବସ (OD04K-2225) ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ବିଦୁ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬ଜଣ ବ୍ୟକ୍ତି ପ୍ରାଣ ହରାଇବା ସହ ବହୁ ଯାତ୍ରୀ ଆହତ ହୋଇଥିଲେ । ପ୍ରାରମ୍ଭିକ ତଦନ୍ତରେ ବେପରୁଆ ଗାଡିଚାଳନା ଓ ସଡକ ସୁରକ୍ଷା ଆଇନର ଉଲ୍ଲଙ୍ଘନ ପାଇଁ ଏହି ଦୁର୍ଘଟଣା ହୋଇଥିବା ଜଣାପଡିବା ପରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସମ୍ପୃକ୍ତ ବସ୍‌ର ପରମିଟ୍ ବାତିଲ୍ କିମ୍ବା ରଦ୍ଦ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣକୁ ସୁପାରିଶ୍ କରିଥିଲେ । ତଦନୁଯାୟୀ ବିଭାଗ ପକ୍ଷରୁ ସମ୍ପୃକ୍ତ ବସ୍ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବା ସହିତ ବାଲେଶ୍ୱର ଆଂଚଳିକ ପରିବହନ କାର୍ଯ୍ୟାଳୟକୁ ଦୁର୍ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନ୍ତ ରିପୋର୍ଟ ଓ ବସ ମାଲିକଙ୍କ ଠାରୁ କାରଣ ଦର୍ଶାଅ ନୋଟିସର ଉତର ପାଇବା ପରେ ପରିବହନ କମିଶନର ତଥା ରାଜ୍ୟ ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବସ୍‌ର ସ୍ଥାୟୀ ପରମିଟ୍ (no.-PP99/140347/G) ଯାହା କି ୨୩/୦୬/୨୦୧୯ ରୁ ୨୧/୦୬/୨୦୨୪ ପର୍ଯ୍ୟନ୍ତ ବୈଧ ଥିଲା ତାହାକୁ ଏବେ ରଦ୍ଦ କରାଯାଇଛି । ବସକୁ ଭୁବନେଶ୍ୱରରୁ ମାଣଡ୍ରୀ ଭାୟା ଉଦଳା, ନୀଳଗିରି ରୁଟ୍‌ରେ ଚଳାଚଳ ପାଇଁ ପରମିଟ୍ ଦିଆଯାଇଥିବାବେଳେ ତାହାକୁ ଏବେ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୫୭୦, ତା୧୯-୦୫-୨୦୨୨ ମତେ ରଦ୍ଦ କରାଯାଇଛି । ଏଥିସହିତ ବସ୍ ମାଲିକଙ୍କୁ ଅରଜିନାଲ ପରମିଟ୍ କାଗଜପତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସଡକ ସୁରକ୍ଷା ଆଇନର ଉଲ୍ଲଙ୍ଘନ କ୍ଷେତ୍ରରେ ଏଣିକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମିରଞ୍ଜିତ ଦଳବେହେରା ସୂଚନା ଦେଇଛନ୍ତି ।

# ହରି ପ୍ଲାଷ୍ଟକୁ ଟାଇମସ୍ ବିଜ୍‌ନେସ୍ ଆୱାର୍ଡ଼

ବାଲେଶ୍ୱର (ପିଏନ୍)- ଭୁବନେଶ୍ୱର ସ୍ଥିତ ହୋଟେଲ ଆଇ.ଟି.ସି.ରେ ସାଇନ୍ସ ଗୃପ ଦ୍ୱାରା ଅନୁଷ୍ଠିତ ସାଇନ୍ସ ବିଜ୍‌ନେସ୍ ଆୱାର୍ଡ଼ ଉତ୍ସବରେ ବାଲେଶ୍ୱର ସ୍ଥିତ ହରି ପ୍ଲାଷ୍ଟ ପିଭିସି ପାଇପସ୍ ଏବଂ ଫିଟିଙ୍ଗ କ୍ଷେତ୍ରରେ ପୂର୍ବ ଭାରତର ଏକ ନଂ. ବ୍ରାଣ୍ଡ ଭାବରେ ବିବେଚିତ କରାଯାଇ ହରି ପ୍ଲାଷ୍ଟ ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସଙ୍କୁ ସମ୍ମାନଜନକ ଟାଇମସ୍ ବିଜ୍‌ନେସ୍ ଆୱାର୍ଡ଼ରେ ବଲିଉଡ଼ ସିନେତାରକା ସୋନୁ ସୁଦ୍ ଯୋଗ ଦେଇ ସମ୍ମାନିତ କରିଥିଲେ । ଭାରତର ଶତାଧିକ ଶିଳ୍ପପତି, କର୍ପୋରେଟର, ବରିଷ୍ଠ ଅଧିକାରୀ ଏବଂ ବହୁ ବୁଦ୍ଧିଜିବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏଭଳି ପୁରସ୍କାର ଆଗାମୀ ଦିନରେ ପ୍ରେରଣା ଯୋଗାଇବା ସହ ହରିପ୍ଲାଷ୍ଟ ଏହିଭଳି ଗୁଣବତା ଏବଂ ଦୀର୍ଘସ୍ଥାୟୀ ପ୍ରଡକ୍ଟ ଉତ୍ପାଦନ କରି ଦେଶରେ ଏକ ଅଗ୍ରଣୀ ବ୍ରାଣ୍ଡ ଭାବେ ନିଜକୁ ପ୍ରତିପାଦିତ କରିପାରିବ ବୋଲି ହରିପ୍ଲାଷ୍ଟର ନିର୍ଦ୍ଦେଶକ ଶ୍ରୀ ଦାସ କହିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୧୮

# ରାକ୍ଷୀ ବନ୍ଧନର ମହତ୍ତ୍ୱ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଚାରୋଟି ପବିତ୍ର ପୂର୍ଣ୍ଣିମା ତିଥି (ଦୋଳ ପୂର୍ଣ୍ଣିମା, ଗହ୍ମା ବା ରାକ୍ଷୀ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା ଓ ରାସପୂର୍ଣ୍ଣିମା) ପ୍ରମୁଖ ଗଣପର୍ବ ରୂପେ ପ୍ରତିବର୍ଷ ପାଳିତ ହୁଏ । ସେ ଗୁଡ଼ିକ ମଧ୍ୟରେ ଶ୍ରାବଣ ମାସର ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଅନ୍ୟତମ । ଏହି ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ । କାରଣ ରାକ୍ଷୀ ବନ୍ଧନ ପର୍ବ ସର୍ବତ୍ର ଶ୍ରଦ୍ଧା, ସ୍ନେହ ଓ ପ୍ରେମର ସହ ପାଳିତ ହୁଏ । ଏହି ସ୍ମରଣୀୟ ପର୍ବ କେଉଁ ଦିନଠାରୁ ପାଳିତ ହୋଇ ଆସୁଛି ସଠିକ ଭାବରେ ପୁରାଣ ଶାସ୍ତ୍ରରେ ଉଲ୍ଲେଖିତ ହୋଇ ନଥିଲେ ହେଁ ଏହା ବହୁ ପ୍ରାଚୀନ । ଏହି ପୂର୍ଣ୍ଣିମା ଦିନ ପୁରୁଷମାନେ ସେମାନଙ୍କ ଡାହାଣ ହାତରେ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଛି । ଏହି ରକ୍ଷା ବନ୍ଧନ ପ୍ରଥା ପ୍ରଥମେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ପ୍ରଚଳିତ ହେବାର ସୂଚନା ପୁରାଣରେ ଉଲ୍ଲେଖିତ ହୋଇଛି । ପୌରାଣିକ ତଥ୍ୟ ଅନୁସାରେ ପ୍ରାଚୀନ କାଳରେ ଥରେ ଦେବ ଓ ଦାନବମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଲା ଏବଂ ଏହି ଯୁଦ୍ଧ ବାର ବର୍ଷ ଧରି ଚାଲିଥିଲା । ପ୍ରଥମେ ଦେବତାମାନେ ଯୁଦ୍ଧରେ ପରାଜିତ ହୋଇ ରଣଭୂମି ଛାଡ଼ି ପଳାୟନ କଲେ । ଇନ୍ଦ୍ରରାଜା ଅମରାବତୀ ନାମକ ତୀର୍ଥରେ ଆତ୍ମଗୋପନ କରି ରହିଲେ । ଏହାପରେ ଇନ୍ଦ୍ର ପୁନଶ୍ଚ ଯୁଦ୍ଧକ୍ଷେତ୍ରକୁ ଫେରି ଅସୁରମାନଙ୍କ ସହିତ ଯୁଦ୍ଧ କଲେ ଏବଂ ଶେଷରେ ଅସୁରମାନଙ୍କୁ ନିପାତ କରି ବିଜୟ ଲାଭ କଲେ । ଫଳରେ ସମସ୍ତେ ରକ୍ଷାସୂତ୍ରର ମହତ୍ତ୍ୱକୁ ହୃଦୟଙ୍ଗମ କରି ସେହିଦିନ ଠାରୁ ଏହି ରକ୍ଷାବନ୍ଧନ ପର୍ବ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳିତ ହୋଇ ଆସୁଛି । ଦେବତାମାନଙ୍କ ଠାରୁ କ୍ରମେ ମର୍ତ୍ତ୍ୟରେ ରକ୍ଷାବନ୍ଧନ ଆରମ୍ଭ ହେଲା । ଦେବଲୋକରେ ନିଜ ପତ୍ନୀ ନିଜ ସ୍ୱାମୀଙ୍କ ଡାହାଣ ହାତରେ ରକ୍ଷାବନ୍ଧନ ଡୋରି ବାନ୍ଧିଥିଲା ବେଳେ ମର୍ତ୍ତ୍ୟରେ ଭଉଣୀ ତାର ଭାଇ ହାତରେ ପବିତ୍ର ରକ୍ଷୀକୁ ବାନ୍ଧିଥାଏ । ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବାନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଡ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମିତ୍ତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ୍ୟ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ । ଏହି ପବିତ୍ର ରାକ୍ଷୀବନ୍ଧନ ପର୍ବ ସହିତ ଆଉ ଏକ ଐତିହାସିକ ଘଟଣା ଯୋଡ଼ି ହୋଇ ରହିଛି । ଭାରତରେ ମୋଗଲ ଶାସନ ଅମଳରେ ଅନେକ ମୁସଲମାନ ବ୍ୟକ୍ତି ହିନ୍ଦୁ ରମଣୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ତେଣୁ ଆମ ଦେଶର ସମ୍ଭ୍ରାନ୍ତ ବଂଶୀୟ ମହିଳାମାନେ ସେମାନଙ୍କ ସୁରକ୍ଷା ନିମିତ୍ତ ବଳବାନ ରାଜା ଓ ବାଦଶାହାଙ୍କ ସହିତ ରାକ୍ଷୀ ବନ୍ଧନ ସୂତ୍ରରେ ଭାତୃତ୍ୱ ସମ୍ବନ୍ଧ ସ୍ଥାପନ କରୁଥିଲେ । ସେହିଭଳି ମେବାରର ରାଣା ସଂଗ୍ରାମ ସିଂହଙ୍କ ମୃତ୍ୟୁ ପରେ ଦିଲ୍ଲୀର ମୋଗଲ ବାଦଶାହା ଚିତୋର ଦୁର୍ଗ ଆକ୍ରମଣ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ମାତ୍ର ଚିତୋର ଗଡ଼ର ସାହସିକା ଓ ବୀରା ରାଣୀ କର୍ଣ୍ଣବତୀ ଏହା ଜାଣି ସେ ସମୟରେ ମୋଗଲ ବାଦଶାହ ହୁମାୟନଙ୍କ ପାଖକୁ ପବିତ୍ର ରାକ୍ଷୀ ପଠାଇ ଚିତୋର ଦୁର୍ଗକୁ ରକ୍ଷା କରିଥିଲେ । ହୁମାୟନ୍ ଜଣେ ମୁସଲମାନ ଶାସକ ହେଲେ ହେଁ ହିନ୍ଦୁପରମ୍ପରା ଓ ବିଶ୍ୱାସକୁ ସମ୍ମାନ ଦେଇ ରାକ୍ଷୀ ବନ୍ଧନର ମହତ୍ତ୍ୱ ଅବସରରେ ଚିତୋର ଦୁର୍ଗ ଆକ୍ରମଣରୁ ବିରତ ରହିଲେ । ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସନ୍ତକ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣମୀ ଦିନ ସେମାନଙ୍କ ଗୋରୁଗାଈ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର , ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ୍ତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଅନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

*ସହ-ପ୍ରତିରତ୍ବିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଭାଇ ପାଇଁ ରାକ୍ଷୀ



ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ ସବୁ ବର୍ଷ ତମେ ରକ୍ଷାବନ୍ଧନ ଦିନଟିକୁ ଚାହିଁ ବସିଥାଅ ଖୁବ୍ ଆଗ୍ରହରେ । ସେଦିନ ଭଉଣୀଟିଏ ଭାଇ ହାତରେ ରାଖି ବାନ୍ଧେ ଅତି ସ୍ନେହ ଶ୍ରଦ୍ଧାରେ । ମଥାରେ ତିଳକ ମାରି ଭାଇର ଦୀର୍ଘାୟୁ କାମନା କରିଥାଏ । ପ୍ରତିବଦଳରେ ଭାଇ ନିଜ ଭଉଣୀକୁ ସବୁ ବିପଦରୁ ରକ୍ଷା କରିବା ପାଇଁ କଥା ଦିଏ । ତୁମେ ମାନେ ନିଶ୍ଚିନ୍ତ ଭାବରେ ଘରେ ନିଜ ଭଉଣୀ ବା ସମ୍ପର୍କୀୟ ଭଉଣୀଙ୍କ ଠାରୁ ରାଖି ବାନ୍ଧୁଥିବ। ରକ୍ଷାବନ୍ଧନ ହେଉଛି ଏକ ଭାରତୀୟ ପର୍ବ ଯାହା ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳିତ ହୋଇଥାଏ । ଭାଇ ହାତରେ ଭଉଣୀ ରାଖି ବାନ୍ଧିବା ବ୍ୟତୀତ ପରିବାରରେ ଛୋଟ ଝିଅମାନଙ୍କ ଦ୍ୱାରା ଗୁରୁଜନ ସ୍ଥାନୀୟ ସଂପର୍କୀୟଙ୍କୁ (ଯେପରି ଝିଅ ବାପାଙ୍କ ହାତରେ) ରାଖି ବାନ୍ଧିବା ମଧ୍ୟ ଦେଖିବାକୁ ମିଳିଥାଏ । ତମେ ଜାଣିଛ, ପ୍ରକୃତିର ସୁରକ୍ଷା ପାଇଁ ମଧ୍ୟ ଗଛ ଦେହରେ ରାଖି ବାନ୍ଧିବାର ପରମ୍ପରା ରହିଛି । ସେହିପରି ଗୁରୁ ମଧ୍ୟ ନିଜ ଶିଷ୍ୟର ଭବିଷ୍ୟତ ଉଜ୍ଜ୍ୱଳ କାମନା କରି ରାଖି ବାନ୍ଧୁଥିଲେ । ୧୯୪୭ରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଜନ ଜାଗରଣ ପାଇଁ ମଧ୍ୟ ରାଖିର ଭୂମିକା ଥିଲା । ବଙ୍ଗ-ଭଙ୍ଗକୁ ବିରୋଧ କରି ବଙ୍ଗବାସୀଙ୍କ ଭିତରେ ଭାଇଚାରା ଓ ଏକତାର ପ୍ରତୀକ ଭାବେ ରକ୍ଷାବନ୍ଧନକୁ ପାଳନ କରି ରବୀନ୍ଦ୍ରନାଥ ଠାକୁର ଏହାର ରାଜନୈତିକ ଉପଯୋଗ କରିବାରେ ସଫଳ ହୋଇଥିଲେ । ରାଖିର ସେଇ ସ୍ନେହ ଓ ସୌହାର୍ଦ୍ଦ୍ୟର ଡୋର ସେତେବେଳେ ବଙ୍ଗବାସୀଙ୍କୁ ଏକଜୁଟ କରିପାରିଥିଲେ । ସେହିଭଳି ଏହି ରାଖି ପୂର୍ଣ୍ଣିମା ଦିନ ଆମ ଓଡ଼ିଆ ସାମାଜିକ ଚେତନାରେ ଝୁଲଣ ପୂର୍ଣ୍ଣିମା ଭାବେ ସମସ୍ତଙ୍କର ଅତି ପରିଚିତ । ଶ୍ରାବଣ ମାସରେ ପାଳିତ ହେଉଥିବା ପୂର୍ଣ୍ଣିମାକୁ ଗୋ-ପୂର୍ଣ୍ଣିମା ବା ଗହ୍ମା ପୁନେଇଁ ବା ଝୁଲଣ ପୁନିଅଁ ବା ରାଖି ପୂର୍ଣ୍ଣିମା କୁହାଯାଏ । ଉତ୍କଳୀୟ ସଂସ୍କୃତିରେ ଏହି ଦିନକୁ ବଳରାମଙ୍କ ଜନ୍ମ ଦିବସ ଭାବେ ଗ୍ରହଣ କରାଯାଇଛି । ଏହି ଦିନରେ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ବଳରାମଙ୍କୁ ପୂଜା କରିବା ସଂପୂର୍ଣ୍ଣ ଓଡ଼ିଆ ପରମ୍ପରା । ବଳରାମ ହେଉଛନ୍ତି ବିଷ୍ଣୁଙ୍କ ଅଷ୍ଟମ ଅବତାର ଏବଂ ଚାଷର ଦେବତା । ଏଣୁ ବଳରାମଙ୍କ ପ୍ରତୀକ ଭାବେ ଗାଈ-ଗୋରୁ ମୁଖ୍ୟତଃ ବଳଦମାନଙ୍କୁ ପୂଜା କରାଯାଏ । ଏକଦା ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଗାଁର ଶେଷ ମୁଣ୍ଡରେ ମାଟିରେ ବିରାଟକାୟ ସ୍ତୂପ ବା ଗହ୍ମା ବେଦି ତିଆରି କରି ଏବଂ ତାହାକୁ ବଳଦେବ ଭାବେ ଗ୍ରହଣ କରି ପୂଜା କରୁଥିଲେ । ଭୋଗ ସାମଗ୍ରୀ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଉଥିଲା । ପୁଣି ଘରେ ଘରେ ଗାଈ-ଗୋରୁଙ୍କୁ ସ୍ନାନ କରାଇ, ସିନ୍ଦୂର ଚନ୍ଦନାଦି ଲଗାଇ ପୂଜା କରି ଖଜା-ପିଠା ଖାଇବାକୁ ଦିଆଯାଉଥିଲା । ପୁରୁଣା କାଳରେ ପାଇକ ପୁଅମାନେ ଏହି ଦିନଟିକୁ ଅତ୍ୟନ୍ତ ଶୁଭ ମନେକରି ଯୁଦ୍ଧ ବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ । ଏକ ଉଚ୍ଚ ସ୍ଥାନରୁ ତଳକୁ ଲମ୍ଫ ପ୍ରଦାନ କରି ନିଜ ଶୌର୍ଯ୍ୟକୁ ପ୍ରମାଣିତ କରୁଥିଲେ । ଗହ୍ମା-ଡିଆଁ ଏବେବି ବିଭିନ୍ନ ରୂପରେ ଓଡ଼ିଶାର କେତେକ ଅଞ୍ଚଳରେ ତିଷ୍ଠି ରହିଛି । ଆଜିକାଲି ଗହ୍ମା ପୁନେଇଁରେ ଗୋ ପୂଜନ କିଛି ପରିମାଣରେ ଲୋକପ୍ରିୟତା ହରାଇଥିବା ଜଣାଯାଏ । ସଂପ୍ରତି ଗୋପୂଜନ ବଦଳରେ ଆମେ ରକ୍ଷା ସୂତ୍ର ବନ୍ଧନକୁ ଅଧିକ ଗୁରୁତ୍ୱ ଦେଉଛେ । ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିର ସମେତ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଝୁଲଣ ଯାତ୍ରା ସମାପନ କରାଯାଏ । ଠାକୁରମାନଙ୍କୁ ଦୋଳିରେ ବସାଇ ଝୁଲାଇବା ହେଉଛି ଝୁଲଣ ଯାତ୍ରା । ସାଧାରଣତଃ ରାଧାକୃଷ୍ଣ ମନ୍ଦିରମାନଙ୍କରେ ଏହି ଯାତ୍ରା ମହା ଆଡ଼ମ୍ବରରେ ପାଳିତ ହୁଏ । ଶ୍ରାବଣ ମାସ ଶୁକ୍ଳ ପକ୍ଷ ଏକାଦଶୀରୁ ଆରମ୍ଭ ହେଉଥିବା ଏହି ଯାତ୍ରା ପୂର୍ଣ୍ଣିମାରେ ଶେଷ ହୁଏ । ପୁରୀ ବଡ଼ ଦେଉଳରେ ଝୁଲଣ ମଣ୍ଡପରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରିଥାଆନ୍ତି ଶ୍ରୀମଦନମୋହନ । ଏମିତି ଏକାଧିକ ଧାର୍ମିକ ଅନୁଷ୍ଠାନମାନ ପାଳିତ ହେଉଥିବାରୁ ଶ୍ରାବଣ ପୂର୍ଣ୍ଣିମା ଆମ ସଂସ୍କୃତିରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

# ରାକ୍ଷୀ ପୂର୍ଣ୍ଣିମା

ବିପିନି ବିହାରୀ ମହାନ୍ତି

ଶ୍ରାବଣ ପୂର୍ଣ୍ଣିମାର ଏକ ବିଶେଷ ତାତ୍ପର୍ଯ୍ୟ ଏହି ଯେ, ଏହିଦିନ ଝୁଲଣଯାତ୍ରା, ଗହ୍ମାପର୍ବ ଏବଂ ରାକ୍ଷୀବନ୍ଧନ ଉତ୍ସବ ପାଳିତ ହୁଏ । ପ୍ରତ୍ୟେକ ପର୍ବଟି ପୌରାଣିକ ଏବଂ ପରମ୍ପରା ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ।

ରାକ୍ଷୀବନ୍ଧନ ପର୍ବ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଆବାଳ-ବୃଦ୍ଧବନିତା ଧନୀ-ଦରିଦ୍ର, ସମସ୍ତଙ୍କର ଏକ ସାର୍ବଜନୀନ ପର୍ବ । ଏହା କେବଳ ଓଡ଼ିଶାରେ ନୁହେଁ ଭାରତର ଅନ୍ୟାନ୍ୟ ରାଜ୍ୟରେ ବି ପାଳିତ ହୁଏ । ଏହା ମଧ୍ୟ ବିଭିନ୍ନ ନାମରେ ନାମିତ: ରାକ୍ଷୀ, ରାକ୍ଷରି ସାଲୁକୋ... । ରକ୍ଷାବନ୍ଧନ ଏକ ପବିତ୍ର ମଙ୍ଗଳ ଶୁଚକ ବନ୍ଧନ । ଏହାକୁ ମୁଖ୍ୟତଃ ଭାଇ ଭଉଣୀ ମଧ୍ୟରେ ଗଭୀର ସଂପର୍କର ସ୍ମାରକୀ ବୋଲି କୁହାଯାଏ । ଏହି ଦିନ ଭଉଣୀମାନେ ଭାଇମାନଙ୍କ ଡ଼ାହାଣ ହାତର କଚଟିରେ ସୂତା ବା ରାକ୍ଷୀ ବାନ୍ଧନ୍ତି ଏବଂ ତାଙ୍କର ଉନ୍ନତି ସୁଖ ଓ ସମୃଦ୍ଧି କାମନା ସହ ଜୀବନର ପ୍ରତିଟି କ୍ଷେତ୍ରରେ ସାହାଚର୍ଯ୍ୟ ଲୋଡନ୍ତି । ଅନ୍ୟପକ୍ଷରେ ଭାଇମାନେ ଭଉଣୀମାନଙ୍କର ସୁରକ୍ଷା ପ୍ରଦାନ ନିମନ୍ତେ ପ୍ରତିଶୃତି ଦିଅନ୍ତି ।

ରାକ୍ଷୀ ନେଇ ଏକ ସୁନ୍ଦର କାହାଣୀ ଅଛି । ଥରେ ଏକ ଅଳସୁଆ ଅଷ୍ଟ ପରିଶ୍ରମରେ କିପରି ଧନୀ ହେବ, ସେ ନେଇ ଏକ ସଇତାନଠାରୁ ତାଲିମ ନେଲା । ସେ ତାକୁ, ଚୋରୀ ବୃ ି ଶିଖାଇଲା । ଦିନେ ସେ ଗୋଟିଏ ଘରେ ପଶିଲା । ଏଇଟା ରାକ୍ଷୀର ପୂର୍ବଦିନର ରାତି । କିଟି କିଟି ଅନ୍ଧାର । ହାତରେ ଚୋରୀବତୀ । ସେ ଟର୍ଚ୍ଚ ପକାଇ ଦେଖିଲା ବାଟଘରେ ଝିଅଟିଏ ଗୁଡ଼ାଏ ଅଳଙ୍କାର ପିନ୍ଧି ଶୋଇଛି । ତା’ ମୁଣ୍ଡ ପାଖରେ ଗୋଟେ ଥାଳିରେ ରାକ୍ଷୀ ସହ ମିଠା ଥୁଆ ହୋଇଛି । ମିଠା ଦେଖି ତା’ ପାଟିରୁ ଲାଳ ବୋହିଲା । ଏଣେ ତା’ ଅଳଙ୍କାରକୁ ଲୋଭ । ଏଇ ଭାବନା ଭିତରେ କ’ଣ କରିବ ବୋଲି ଚିନ୍ତିଲା ବେଳକୁ, ତା’ ଗୋଡ଼ଟି ସେ ଝିଅଟିକୁ ଚକଟି ଦେଲା । ଝିଅଟିର ନିଦ ଭାଙ୍ଗିଗଲା । ଏଣେ ବାଟଘରକୁ ତେଣେ ଅନ୍ଧାର । ସେ ଭାବିଲା ତା’ ଭାଇବୋଧେ ବାହାରକୁ ଉଠିଛନ୍ତି । ତେଣୁ ସେ କ  । ନିଦରେ କହିଲା : ଭାଇ ଦେଖିକି ଚାଲ । ତୁମ ରାକ୍ଷୀ ଉପରେ ଗୋଡ଼ ପଡ଼ିଯିବଟି ! ଏତିକିରେ ସେ ଶୋଇପଡ଼ିଲା । ଏବେ ସେ ଅଳସୁଆ ଚୋରଟି ଭାବିଲା : କ’ଣ ହେଲା : ମୋତେ ଭାଇ କହିଲା ?.... । ଭାଇ ତ ଭଉଣୀର ରକ୍ଷକ । ନା’, ତା’ଠୁ ଚୋରୀ କରିବି ନାହିଁ । ଏତିକିରେ ରାକ୍ଷୀଟିଏ ଉଠାଇଲା ମିଠେଇଟିଏ ଖାଇଲା । ତା’ ଥାଳିରେ ପଚାଶଟଙ୍କା ପକାଇ ଫେରିଲା । ଗୁରୁ ସଇତାନ ଯେତେବେଳେ କ’ଣ ପାଇଲୁ ବୋଲି ପଚାରିଲା, ସେ ସତକଥାଟି କହିଲା । ଏଥିକୁ ଗୁରୁ କହିଲା: ଏମିତି ଭାବନାରେ ତୁ’ କ’ଣ ରୋଜଗାର କରିପାରିବୁ ?

ବାସ୍ତବିକ୍ କାହାକୁ ଭାଇ ବା ଭଉଣୀ ବୋଲି ସମ୍ବନ୍ଧି ଦେଲେ, ତା’ର ମର୍ଯ୍ୟଦା ରଖିବାକୁ ହେବ । ଭଉଣୀ ଭାଇର ଶୁଭ ଚିନ୍ତକ, ଭାଇ ତା ରକ୍ଷକ । ଏହାହିଁ ସତ୍ୟ ।

ରାକ୍ଷୀଦିନ ସକାଳୁ ଉଭୟ ଭାଇ ଓ ଭଉଣୀମାନେ ଗାଧୁଆପାଧୁଆ ସାରିଦିଅନ୍ତି । ନୂଆ ଅଥବା ଭଲ ପୋଷାକ ପିନ୍ଧନ୍ତି । ଭଉଣୀମାନେ ଗୋଟିଏ ଥାଳିରେ ରାକ୍ଷୀ ଓ ମିଠା ଇତ୍ୟାଦି ଧରି ଭାଇଙ୍କ ପାଖେ ପହ ନ୍ତି । ଭାଇମାନଙ୍କ କପାଳରେ ସିନ୍ଦୁର ଓ ଚନ୍ଦନ ଦେଇ ହାତରେ ରାକ୍ଷୀ ବାନ୍ଧନ୍ତି ଓ ମିଠା ଖୁଆନ୍ତି । ପ୍ରତିଦାନରେ ଭାଇମାନେ କିଛି ଅର୍ଥ ଉପହାର ଦିଅନ୍ତି । ପୌରାଣିକ ଯୁଗରେ ଦାନବରାଜା ବଳୀ ବାମନ ଅବତାରୀ ବିଷ୍ଣୁଙ୍କୁ ତ୍ରିପାଦ ଭୂମିଦାନ କରିଥିବା ଏବଂ ଦେବତାମାନଙ୍କୁ କୁଚକ୍ରରୁ ବଳୀକୁ ରକ୍ଷା କରିବା ନିମନ୍ତେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ଏହି ପୂର୍ଣ୍ଣିମା ଦିନରେ ବଳୀ ରାଜାଙ୍କ ହସ୍ତରେ ରକ୍ଷାକବଚ ବନ୍ଧନ କରିଥିଲେ । ପରବ ୍ ୀ ସମୟରେ ରାଜାମାନଙ୍କ ମଙ୍ଗଳ କାମନାକରି ପୁରୋହିତମାନେ ତାଙ୍କ ହସ୍ତରେ ରାକ୍ଷୀ ବାନ୍ଧିବା ଏକ ବିଧି ସମ୍ମତ ହୋଇଗଲା । ଏବେ ମଧ୍ୟ ପୁରୋହିତମାନେ ତାଙ୍କ ଯଜମାନଙ୍କର ମଙ୍ଗଳ କାମନା କରି ହସ୍ତରେ ରାକ୍ଷୀ ବା ନାଳିପଟି ବା ସୂତା ବାନ୍ଧନ୍ତି, ପଇତା ପିନ୍ଧାନ୍ତି ଏବଂ ତା’ ବିନିମୟେ କିଛି ଅର୍ଥ ବା ଦକ୍ଷିଣା ପାଆନ୍ତି । ରାକ୍ଷୀ ବାନ୍ଧିଲାବେଳେ ସେମାନେ ଆଶୀର୍ବାଦ ଦେଇ କୁହନ୍ତି :

ଯେନବଦ୍ଧୋ ବଳୀରାଜା ଦାନବେନ୍ଦ୍ର ମହାସୁରଃ
ତେନତ୍ୱାମପି ବଧ୍ନାମିରକ୍ଷମା ଚରମାଚଳ ।

ଇତିହାସରୁ ଜଣାପଡ଼େ ମୋଗଲ ରାଜତ୍ୱ କାଳରେ ରାଜପୁତ ରମଣୀମାନେ ଆକବରଙ୍କୁ ରାକ୍ଷୀ ପିନ୍ଧାଇ ନାରୀ ଜାତିର ସୁରକ୍ଷା ନିମନ୍ତେ ନିବେଦନ କରୁଥିଲେ । କେତେକ ସ୍ଥାନରେ ଦେବାଦେବୀଙ୍କୁ ସମର୍ପଣ ପୂର୍ବକ ରାକ୍ଷୀ ହାତରେ ବନ୍ଧାଯାଏ । ମନ୍ଦିରରେ ପୂଜକମାନେ ଭକ୍ତମାନଙ୍କ ହସ୍ତରେ ରାକ୍ଷୀ ବାନ୍ଧନ୍ତି । ଏହିଦିନ କ୍ଷତ୍ରୀୟ ଓ ଖଣ୍ଡାୟତମାନଙ୍କୁ ବ୍ରାହ୍ମଣ ବ୍ରତ ପଇତା ପିନ୍ଧାନ୍ତି । ଏବେ ରାକ୍ଷୀ ବିକ୍ରି ଓ ରାକ୍ଷୀବନ୍ଧନ ଏକ ବ୍ୟବସାୟ ପାଲଟି ଯାଇଛି। ରାକ୍ଷୀ କେବଳ ଓଡ଼ିଶାରେ ପ୍ରଚଳିତ ନୁହେଁ । ଏହା ଭାରତରେ ଉ ରା ଳକୁ ଓଡ଼ିଶା ଆଗମନ କରିଛି ବହୁ ପୁରାତନ ଯୁଗରୁ । ତେବେ ଯାହା ହେଉ ରାକ୍ଷୀ ଭାଇ ଓ ଭଉଣୀମାନଙ୍କର ଆନ୍ତରିକ ପ୍ରେମର ଏକ ଅନାବିଳ ନିଦର୍ଶନ । ଏହା ଏକ ପ୍ରେମ ଓ ଏକତାର ବନ୍ଧନ । ଏପରିସ୍ଥଳେ ରାକ୍ଷୀବନ୍ଧନ ସଦାବେଳେ ପବିତ୍ରତା ମଧ୍ୟରେ ରହିବାକଥା । ସଂପ୍ରତି ଯିଏ ବୋଇଲେ ସିଏ ଯାହାଠି ମାନେ ତା’ଠି ରାକ୍ଷୀ ବାନ୍ଧି ଦେଉଛି । ନିଜର ଭଉଣୀ କୁଆଡ଼େ ଯାଉଛନ୍ତି, ଆଉ କିଏ ନିଜର ନହୋଇ ନିଜର ନାଁ ନେଉଛି । ଏପରିକି କୋଉଠି ପବିତ୍ରତା ନଥାଇ ଆବିଳତା ପ୍ରବେଶ କରୁଛି । ଏଠାରେ ଆଜିର ବଜାରରେ ମିଳୁଥିବା ରାକ୍ଷୀର ସ୍ୱରୂପଯାହା, ବନ୍ଧନ ଏକ ଦୂଷିତ ପରମ୍ପାରା ସୃଷ୍ଟି କରୁଛି । ଏହାହିଁ ଦୁଃଖ ।

*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ*
*ବିପିନି ବିହାରୀ ପାଠାଗାର, ଜଟଣୀ*
*ମୋ. ୯୯୩୮୩୪୧୩୮*

# ଗହ୍ମା ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ



ପୁଷ୍ପମିତ୍ର ମହାପାତ୍ର

ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ସାରା ଦେଶରେ ଏହି ଦିନ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥାଏ। ରାକ୍ଷୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କରେ ସାକ୍ଷୀ। ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷା ବନ୍ଧନ ଉତ୍ସବ। ସାରା ଦେଶରେ ଏହି ଉତ୍ସବକୁ ଅତି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଭାବେ ପାଳନ କରାଯାଇଥାଏ। ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ଦିନରେ ନାରିକେଳ ପୂର୍ଣ୍ଣିମା ପାଳନ କରାଯାଉଥିବାର ନଜିର ରହିଛି। କେତେକ ରାଜ୍ୟରେ ଏହା କାକରି ପୂର୍ଣ୍ଣିମା ନାମରେ ମଧ୍ୟ ପାଳିତ ହୋଇଥାଏ। ଓଡ଼ିଶାର ବ୍ରାହ୍ମଣୀ ଶାସନରେ ଏହି ଦିନରେ ଶ୍ରାବଣୀ ବେଦଉପାକର୍ମ ଦିବସ ଭାବେ ପାଳନ କରାଯାଇଥାଏ। ବ୍ରାହ୍ମଣମାନେ ଏହି ଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ କରିବା ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି। ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ। ଗହ୍ମା ପୂର୍ଣ୍ଣିମାରେ ଗାଈ, ଗୋରୁ ଏବଂ ଗୃହପାଳିତ ପଶୁଙ୍କୁ ପୂଜା କରାଯିବାର ପରମ୍ପରା ଆମ ରାଜ୍ୟରେ ରହିଛି। ଏହି ଦିନ ବିଭିନ୍ନ ପ୍ରକାରର ପିଠା, ପଣା ପ୍ରସ୍ତୁତ କରାଯାଇ ସାହି ପଡ଼ିଶାରେ ବଣ୍ଟା ଯାଇଥାଏ। ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଝୁଲଣ ଯାତ୍ରା ସମୟରେ ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ଦୋଳି ଖେଳା ଯାଇଥାଏ। ରାକ୍ଷୀ ପୂର୍ଣ୍ଣିମା ଆମ ଦେଶର ପ୍ରାଚୀନ ପରମ୍ପରା ଏବଂ ସଂସ୍କୃତିର ଏକ ମହାନ ପର୍ବ, ଯାହା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ଗାଥା ବହନ କରିଥାଏ।

ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଭଗବାନ ବଳରାମଙ୍କ ଜନ୍ମ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ସେ ଭଗବାନ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ଜଗନ୍ନାଥ ସଂସ୍କୃତିରେ ବଳରାମଙ୍କୁ ବଳଭଦ୍ର ନାମରେ ପୂଜା କରାଯାଇଥାଏ। ବାସୁଦେବଙ୍କ ଔରସରୁ ରୋହିଣୀଙ୍କ ଗର୍ଭରୁ ବଳରାମ ଜାତ ହୋଇଥିବାରୁ ପୁରାଣରୁ ଜଣାଯାଏ। ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ଦିନ ବଳରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥାଏ। ବଳରାମଙ୍କ ବିବାହ ରେବତ ରାଜାଙ୍କ କନ୍ୟା ରେବତୀଙ୍କ ସହ ହୋଇଥିଲା। ତାଙ୍କର ଦୁଇ ପୁତ୍ର ଥିଲେ ନିଶଠ ଏବଂ ଉଲ୍ମୁକ। ବଳରାମ ଥିଲେ ଭଗବାନ ବିଷ୍ଣୁଙ୍କ ସେବକ ଶେଷନାଗଙ୍କ ଅବତାର। ସେ ହଳଧର, ହଳଯୁଦ୍ଧ, ସଂକର୍ଷଣ ଆଦି ନାମରେ ମଧ୍ୟ ପ୍ରସିଦ୍ଧ। ବଳରାମଙ୍କ ପରାକ୍ରମ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା ରହିଛି। ଗଦା ଯୁଦ୍ଧରେ ସେ ପ୍ରବୀଣ ଥିଲେ। ଦୁର୍ଯ୍ୟୋଧନ ତାଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଲାଭ କରିଥିଲେ। ବଳରାମ ଅନେକ ଥର ଜରାସନ୍ଧକୁ ଯୁଦ୍ଧରେ ହରାଇ ଦେଇଥିଲେ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବକୀ ଏବଂ ବସୁଦେବଙ୍କ ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ହାତରେ ମଥୁରା ରାଜା କଂସ ମୃତ୍ୟୁବରଣ କରିବ ବୋଲି ଆକାଶବାଣୀ ହେଲା। ଏହି ଆକାଶବାଣୀ ଶୁଣିବା ପରେ କଂସ ନିଜ ଭଉଣୀ ଦେବକୀ ଏବଂ ଭିଣୋଇ ବସୁଦେବଙ୍କୁ ନେଇ କାରାଗୃହରେ ବନ୍ଦୀ କଲା। ସମୟରେ କ୍ରମେ ଦେବକୀଙ୍କର ଛଅଜଣ ସନ୍ତାନଙ୍କୁ କଂସ ତଳେ କଚାଡ଼ି ମାରିଦେଲା। ଷଷ୍ଠ ଗର୍ଭରେ ବଳରାମ ଜନ୍ମ ହେବାର ଥିଲା। ତେବେ ସେ ଜନ୍ମ ନେବା ପୂର୍ବରୁ ଶ୍ରୀହରି ବିଷ୍ଣୁ ଯୋଗମାୟାଙ୍କ ସହାୟତାରେ ଦେବକୀଙ୍କ ଗର୍ଭରୁ ବଳରାମଙ୍କୁ ନେଇ ରୋହିଣୀଙ୍କ ଗର୍ଭରେ ସ୍ଥାପନ କଲେ। ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରାଯାଇଥିବାରୁ ବଳରାମଙ୍କ ନାମ ଶଙ୍କର୍ଷଣ ହେଲା। ବଳରାମଙ୍କ ବିବାହ ରେବତୀଙ୍କ ସହିତ ହୋଇଥିଲା। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ରେବତୀଙ୍କ ଉଚ୍ଚତା ୨୧ ହାତ ଥିଲା। ବଳରାମ ନିଜ ହଳ ସାହାଯ୍ୟରେ ରେବତୀଙ୍କୁ ଟାଣି ଛୋଟ କରିଦେଇଥିଲେ। ଏହାପରେ ଦୁହିଁଙ୍କ ବିବାହ ହୋଇଥିଲା। ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ମଠ ମନ୍ଦିରରେ ବିଶେଷକରି କୃଷ୍ଣ-ବଳରାମ ମନ୍ଦିରରେ ଓ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାନୀତି ହୋଇଥାଏ। ଏହି ଦିନ ଅଗଣିତ ଆଶ୍ରିତମାନେ ସଂଧ୍ୟା ସମୟରେ ବଳଭଦ୍ରଙ୍କ ପବିତ୍ର ଦର୍ଶନ ପୂର୍ବକ ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି।

*ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯*

# ରାକ୍ଷୀ ପୂର୍ଣ୍ଣିମା



ଅକ୍ଷୟ କୁମାର ରାଉତ

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ । ରାକ୍ଷୀ ବନ୍ଧନ ସମ୍ପର୍କରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସମ୍ପର୍କକୁ ଅତୁଟ ରଖିଥିଲେ । ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା’ ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍‌ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍‌ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୁରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ । ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରସ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ବଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି । ତା’ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ । ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରାଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ। ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ। ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତ୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ। ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ।

ପାରାଦ୍ୱିପଗଡ, କୁଜଙ୍ଗ
ଜଗତସିଂହପୁର
ମୋ. ନଂ-୯୯୩୭୬୯୧୪୭୫

# ଗଣ ଉତ୍ସବ : ରକ୍ଷା ବନ୍ଧନ

ହେମନ୍ତ କୁମାର ପରିଡ଼ା

ଏକ ସର୍ବଭାରତୀୟ ଗଣ ପର୍ବ ଭାବେ ରାକ୍ଷୀ ପୂର୍ଣ୍ଣିମା ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଇଥାଏ । ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାର ପ୍ରତୀକ ଏହି ରକ୍ଷା ବନ୍ଧନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ଗୁରୁତ୍ୱକୁ ବହନ କରିଥାଏ । ରକ୍ଷା ବନ୍ଧନ ଏକ କୃଷି ଭିତ୍ତିକ ଜାତୀୟ ପର୍ବ । ଯେଉଁଥିରେ ଆମ ଦେଶର ଧର୍ମ, ଦର୍ଶନ, ରୀତିନୀତି, ଆଚାର ବ୍ୟବହାର, ପ୍ରଥା ପରମ୍ପରା, ସଭ୍ୟତା ସଂସ୍କୃତି ପ୍ରତିଫଳିତ ହୋଇଥାଏ । ରାକ୍ଷୀ ପର୍ବ ଦେଶବାସୀଙ୍କ ଭିତରେ ଐକ୍ୟ ଓ ଭାଇଚାରାର ଭାବ ବୃଦ୍ଧି କରି ରାଷ୍ଟ୍ରୀ ଜୀବନକୁ ସମୃଦ୍ଧ କରିଥାଏ । ସାମାଜିକ ବ୍ୟବସ୍ଥାକୁ ଦେଖିଲେ ଜଣାଯାଏ ଯେ ମାସ ଚକ୍ରର ଚତୁର୍ଥ ମାସଟି ହେଉଛି ଶ୍ରାବଣ । ଶ୍ରବଣା ନକ୍ଷତ୍ରଯୁକ୍ତ ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି । ପୃଥିବୀ ଓ ସୂର୍ଯ୍ୟଙ୍କର ଭୌଗୋଳିକ ସମ୍ବନ୍ଧ ଓ ପୃଥିବୀରେ ପଡୁଥିବା ଅନ୍ୟ ଗ୍ରହମାନଙ୍କର ପ୍ରଭାବ ହେତୁ ଏହି ମାସର କେତେକ ଗୁରୁତ୍ୱ ରହିଛି । ଏହି ତିଥିଟି ସୃଷ୍ଟି ଆରମ୍ଭର ଦିନ । ପରମେଶ୍ୱରଙ୍କ ସଂକଳ୍ପ ‘ଏକୋଽହଂ ବହୁ ସ୍ୟାମ୍’ ବାସ୍ତବ ରୂପ ଧାରଣ କରିଥିଲା । ଅର୍ଥାତ୍ ବହୁମୁଖୀ ସୃଷ୍ଟି ରାକ୍ଷୀ ପୂର୍ଣ୍ଣମୀ ଦିନ ହିଁ ଆରମ୍ଭ ହୋଇଥିଲା । ବେଦଶିକ୍ଷାର ଶୁଭାରମ୍ଭ ରାକ୍ଷୀ ପୂର୍ଣ୍ଣମୀରେ ହିଁ ହୋଇଥିଲା । ପ୍ରାଚୀନ ଗୁରୁକୁଳରେ ଏହି ରାକ୍ଷୀ ପୂର୍ଣ୍ଣିମା ଦିନ ନୂଆ ଶିଷ୍ୟମାନଙ୍କର ନାମ ଲେଖା ହୋଇଥାଏ । ଶ୍ରାବଣ ପୂର୍ଣ୍ଣିମା ଭାରତୀୟ ସଂସ୍କୃତି ରକ୍ଷାର ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ବହନ କରିଥାଏ । ବେଦମନ୍ତ୍ରରେ ଅଭିମନ୍ତ୍ରିତ ରକ୍ଷା ସୂତ୍ରକୁ ଆଚାର୍ଯ୍ୟମାନେ ଶିଷ୍ୟ ହାତରେ ବାନ୍ଧି ଦେଉଥିଲେ ଯାହାକି ବେଦଜ୍ଞାନ ତଥା ବୈଦିକ ପରମ୍ପରାକୁ ରକ୍ଷା କରିବାର ସୂତ୍ର ସଙ୍କେତ ବହନ କରିଥାଏ । ମହର୍ଷି ମନୁଙ୍କ ଭାଷାରେ ‘ବେଦୋଽଖିଳୋ ଧର୍ମମୂଳମ୍’ ଅର୍ଥାତ୍ ସମସ୍ତ ଧର୍ମର ମୂଳ ହେଉଛି ବେଦ । ବେଦ ବିନା ଜ୍ଞାନର ଉନ୍ମେଷ ଘଟେ ନାହିଁ । ଗୁରୁକୁଳର ଶିଷ୍ୟମାନେ ବର୍ଷକ ମଧ୍ୟରେ ଯେଉଁ ଯେଉଁ ବେଦଶିକ୍ଷା ଲାଭ କରିଥାନ୍ତି ତାକୁ ଶ୍ରାବଣ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ କରି ସାତଦିନ ଗ୍ରାମେ ଗ୍ରାମେ ବୁଲି ଉପଦେଶ ଦିଅନ୍ତି । ଏହି ସାତ ଦିନକୁ ବେଦ ପ୍ରଚାର ସପ୍ତାହ କୁହାଯାଉଥିଲା । ବୈଦିକ ଋଷି ଦୃଷ୍ଟିରେ ଏହା ଶ୍ରାବଣୀ ଉତ୍ସବ । ପ୍ରାଚୀନ ଗୁରୁକୁଳର ବ୍ୟବସ୍ଥିତ ପରମ୍ପରା ଅନୁଯାୟୀ ଗ୍ରୀଷ୍ମ ଅବକାଶ ପରେ ଶ୍ରାବଣ ପୂର୍ଣ୍ଣିମା ଦିନ ହିଁ ଗୁରୁକୁଳରେ ଶିଷ୍ୟମାନଙ୍କୁ ବିଦ୍ୟାଦାନ ଆରମ୍ଭ କରାଯାଏ । ତେବେ ଭାରତୀୟ ପୁରାଣ, ଇତିହାସ ଓ ଜନଜୀବନରେ ଏହି ରକ୍ଷା ବନ୍ଧନକୁ ନେଇ ଅନେକ କାହାଣୀ, କଥନିକା, ଘଟଣା ଓ କିମ୍ବଦନ୍ତୀ ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ରକ୍ଷା ବନ୍ଧନର ମୂଳଭିତ୍ତି ହେଉଛି ସ୍ନେହ ଓ ଭଲପାଇବାର ସୁରକ୍ଷା ପାଇଁ ଏକ ପବିତ୍ର ବନ୍ଧନ । ସେହିପରି ସତ୍ୟଯୁଗର କଥା ଅନୁଯାୟୀ ନାରଦଙ୍କ ଉପଦେଶ କ୍ରମେ ମା’ଲକ୍ଷ୍ମୀ ଛଦ୍ମବେଶରେ ବଳୀଙ୍କ ହାତରେ ଏହି ଶ୍ରାବଣ ପୂର୍ଣ୍ଣିମା ଅବସରରେ ରାକ୍ଷୀ ବାନ୍ଧିଥିଲେ । ଯାହାଦ୍ୱାରା ବଳୀ ପ୍ରତିଦାନ ସ୍ୱରୂପ ତାଙ୍କ ସ୍ୱାମୀକୁ ବୈକୁଣ୍ଠକୁ ଫେରାଇ ଦେଇଥିଲେ । ମା’ଲକ୍ଷ୍ମୀ ବଳୀଙ୍କ ହାତରେ ହଳଦିଆ ରଙ୍ଗର ରାକ୍ଷୀ ବାନ୍ଧିଥିବାରୁ ଏହି ରଙ୍ଗର ରାକ୍ଷୀ ସାଧାରଣରେ ଲୋକମାନଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରିୟ । ରାକ୍ଷୀ ବାନ୍ଧିବା ସମୟରେ ବୈଦିକ ଶ୍ଳୋକଟି ପାଠ କରାଯାଏ - ‘ଯେନ ବଦ୍ଧ ବଳିରାଜ ଦାନବେନ୍ଦ୍ର ମହାସୁର, ତେନ ତ୍ୱାମପି ବଧ୍ନାମି ରକ୍ଷ ମା’ ଚଳମାଞ୍ଚଳ’ । କେବଳ ସତ୍ୟଯୁଗ ନୁହେଁ ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମ ରାବଣ ସହିତ ଯୁଦ୍ଧ କରିବା ସମୟରେ ରାବଣର ମାୟାଯୁଦ୍ଧକୁ ସମ୍ମୁଖୀନ ହୋଇଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପରାମର୍ଶକ୍ରମେ ପ୍ରଭୁ ଶ୍ରୀରାମ ରାବଣର ମାୟାକୁ ଭେଦ ପାଇଁ ଆଦିତ୍ୟ ହୃଦୟ ପାଠ କରି ଶ୍ରୀ ସୂର୍ଯ୍ୟଙ୍କର ପୂଜା ଉପାସନା କରିଥିଲେ । ତଦନୁଯାୟୀ ପ୍ରଭୁ ଶ୍ରୀରାମଙ୍କ ହାତରେ ଭଉଣୀ ସାନ୍ତା ଶ୍ରାବଣ ପୂର୍ଣ୍ଣିମା ତିଥିରେ ଅଭିମନ୍ତ୍ରିତ ରାକ୍ଷୀ ବାନ୍ଧିବା ପରେ ରାବଣର ମାୟାଶକ୍ତି ଦୂରୀଭୂତ ହୋଇଥିଲା । ଦ୍ୱାପର ଯୁଗରେ ମହାଭାରତର କାହାଣୀ ଅନୁଯାୟୀ କୁନ୍ତୀ ଶ୍ରୀକୃଷ୍ଣଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ପାଣ୍ଡବ ମାନଙ୍କ ସୁରକ୍ଷା ପାଇଁ ସେ ଏହି ରକ୍ଷା ବନ୍ଧନ କରିଥିଲେ । ରକ୍ଷା ପୂର୍ଣ୍ଣିମାକୁ ସାଧାରଣରେ ଗହ୍ମା ପୂର୍ଣ୍ଣିମା ବି କୁହାଯାଏ । ଶ୍ରୀବଳଭଦ୍ର ଶ୍ରବଣା ନକ୍ଷତ୍ରଯୁକ୍ତ ଶ୍ରାବଣ ମାସର ରାକ୍ଷୀ ପୂର୍ଣ୍ଣିମାରେ ମକର ଲଗ୍ନରେ ଜନ୍ମ ହୋଇଥିଲେ । ବଳଦେବଙ୍କୁ ଶଙ୍କରର୍ଷଣ ବୋଲି ଡକାଯାଏ । ଶ୍ରୀମଦ୍ ଭାଗବତ୍ ମହାପୁରାଣର ଦ୍ୱିତୀୟ ଅଧ୍ୟାୟର ତେରତମ ଶ୍ଳୋକରେ ଲେଖାହୋଇଛି - ‘ଗର୍ଭସଂକର୍ଷଣାତ୍ ତଂ ବୈ ପ୍ରାହୁଃ ସଂକର୍ଷଣଂ ଭୁବି, ରାମେତି ଲୋକରମଣାଦ୍ ବଳଂ ବଳବଦୁଚ୍ଛ୍ରୟାତ୍ ।’ ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ଗୋସମ୍ପଦ ହେଉଛି ସବୁଠାରୁ ବଡ଼ ସମ୍ପତ୍ତି । ଓଡ଼ିଆ ଜାତିରେ ଗୋରୁ ଗାଈଙ୍କୁ ଦେବତା ଜ୍ଞାନରେ ପୂଜା କରାଯାଏ । ରୋହିଣୀ ନାମକ ଗାଈ ଠାରୁ ଶ୍ରୀବଳଦେବଙ୍କୁ ଜନ୍ମଲାଭର ସମ୍ପର୍କ ପୁରାଣରେ ଲିପିବଦ୍ଧ ରହିଥିବାରୁ ଗହ୍ମା ପୂର୍ଣ୍ଣିମା ଦିନ ଗାଈ ବଳଦଙ୍କୁ ସଫା ସୁତୁରା କରାଯାଇ ସିନ୍ଦୂର, ହଳଦୀ, କୁଙ୍କୁମ ପ୍ରଦାନ କରି ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଏ । ଶ୍ରାବଣ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ବସାଇ ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଯାହାକୁ ଗହ୍ମା ପୂର୍ଣ୍ଣିମା ରାତିରେ ଶେଷ ହୋଇଥାଏ । ତେବେ ଯାହାହେଉନା କାହିଁକି ସ୍ନେହ ମମତାର ମୂଲ୍ୟ ହେଉଛି ରକ୍ଷା ବନ୍ଧନର ଅଭିପ୍ରାୟ । ମାନବକୁ ପରମ୍ପରା କରି ଶ୍ରଦ୍ଧାଶୀଳ କରିବା ସହ ଶାନ୍ତି, ପ୍ରୀତି ତଥା ସ୍ନେହ ବନ୍ଧନର ପ୍ରତୀକ ଏହି ରାକ୍ଷୀ ନାରୀ ଜାତି ପ୍ରତି ସମ୍ମାନ ଓ ଦାୟିତ୍ୱବୋଧର ଜାଗରଣ ସଂଚାର କରିଥାଏ । ସମ୍ପର୍କ, ସହୃଦୟତା ଓ ସଂହତି ଭାବ ଉଦ୍ରେକ କରି ସାମାଜିକ ଜୀବନକୁ ସମୃଦ୍ଧ କରି ଗଢ଼ି ତୋଳିଥାଏ । କେବଳ ସେତିକି ନୁହେଁ ରାଷ୍ଟ୍ରୀୟ ଜୀବନରେ ସମନ୍ୱୟ ଆଣି ସୁସଂହତ କରି ଆତ୍ମ ଜ୍ଞାନ, ଭାଇଚାରା ଓ ପବିତ୍ର ଭଲପାଇବାର ମୂଲ୍ୟବୋଧକୁ ପରିସ୍ଫୁଟିତ କରିଥାଏ ।

*ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ,*
*ଦୂରଭାଷ : ୮୭୬୩୧୦୭୧୨୬*




## ରକ୍ଷା କବଚ୍ ରାକ୍ଷୀ

*କବିରତ୍ନ ନୂତନ କୁମାର ବେହେରା*



ସମାଜେ ମାନବ ରହିବାକୁ ଆନନ୍ଦରେ
ଐତିହ୍ୟ ସଂସ୍କୃତି ପରମ୍ପରା ବଜାଇ ରଖେ
ପାଳେ ପର୍ବପର୍ବାଣୀ କରି ପୂଜା ବ୍ରତ ଉପାସନା
ମନକୁ କରଇ ସ୍ୱଚ୍ଛ ପବିତ୍ର ଅନାବିଳ
ବୁଝେ ସୃଷ୍ଟିର ତତ୍ତ୍ୱଭାବ ସଂସାରର ମାଧୁର୍ଯ୍ୟ
କ୍ରମରେ ତାର ଚ଼ଳାଏ ଜୀବନଧାରା
ନ୍ୟାୟ ନୀତି ଆଦର୍ଶରେ ହୁଏ ଅନୁପ୍ରାଣିତ
ପାର୍ଥିବ ଜଗତେ ଭାଇ ଭଉଣୀ ସଂପର୍କ ଶାଶ୍ୱତ
ଏକ ଗର୍ଭ ଏକ ରକ୍ତରୁ ହୋଇଥାନ୍ତି ଜନ୍ମ
ଏକ ପରିବାରରେ ପାଇ ସମାନ ଆଦର
ଶିକ୍ଷା ଦୀକ୍ଷାରେ ହୁଅନ୍ତି ମାର୍ଜିତ ସଂସ୍କାରୀ
ଭାଇ ଭଉଣୀ ହୁଅନ୍ତି ଯେବେ ସାବାଳକ
ନିଜ ନିଜର ବ୍ୟକ୍ତିଗତ ଜୀବନ ଲାଗି
ପରିବାରଠାରୁ ହୋଇଥାନ୍ତି ପୃଥକ୍ ରେ ଦୂର
ନିକଟେ ନ ଥିଲେ ବି ଥା'ନ୍ତି ଅନ୍ତରରେ
ପବିତ୍ର ଅତୁଟ ଏ ସଂପର୍କର ବନ୍ଧନ ତାଙ୍କର
ଭାଇଟିଏ ଭଉଣୀ ପାଇଁ ରକ୍ଷା କବଚ୍
ଜୀବନରେ ଆସେ ଯେବେ ଘାତ ପ୍ରତିଘାତ
କରେ ତାର ପ୍ରତିରୋଧ ପ୍ରତିବାଦ
ସାହାଯ୍ୟ ସହଯୋଗେ ରଖେ ତା' ମାନ
ଭଉଣୀଟି ମଧ୍ୟ ବିନିମୟରେ ଭାଇ ପ୍ରତି
ରଖିଥାଏ ସେହି ପବିତ୍ର ମହତ ଭାବ
ଦୁଃଖରେ ସୁଖରେ ଉଭୟ ଭାଇ ଭଉଣୀଙ୍କର
ହୃଦୟରେ ରହିଥାଏ ଏକ ଶ୍ରଦ୍ଧାଭାବ
ପ୍ରତୀକ ରୂପରେ ମହାପ୍ରଭୁ ଶ୍ରୀଜଗନ୍ନାଥ
ଶ୍ରୀମନ୍ଦିରରେ ଅଛନ୍ତି ଭାଇ ଭଉଣୀଙ୍କ ସାଥେ
ଘନିଷ୍ଠ ସଂପର୍କର ଏ ଜ୍ୱଳନ୍ତ ନିଦର୍ଶନ
ଜୀବନର ଦର୍ଶନକୁ ନେଇ ପାଳିତ ହୁଏ ପର୍ବ
ଭାଇ ହାତରେ ଭଉଣୀ ବାନ୍ଧିଦିଏ ରାକ୍ଷୀ
ରେଶମୀ ସୂତାଟିକୁ କରି ତାର ସାକ୍ଷୀ
ହୁଏତ ହୋଇପାରେ ସୂତା ଖଣ୍ଡିଏ ସାମାନ୍ୟ
ମାତ୍ର ସଂପର୍କ ରଖିବାକୁ ଦୃଢ ଦିଏ ପ୍ରେରଣା ଭରି
ବାସ୍ତବ କ୍ଷେତ୍ରରେ ଭାଇ ତାର ରକ୍ଷାକର୍ତ୍ତା
ଥାଇ ବି ଏ ଉଚ୍ଚ ଆଦର୍ଶ ଚ଼ିନ୍ତାଧାରାର ସିଦ୍ଧାନ୍ତ
ଭାଇ ଭଉଣୀ ମଧ୍ୟରେ ରହୁନାହିଁ ଆନ୍ତରିକତା
ପିଲାବେଳେ ଥାଏ ଯେତିକି ନିବିଡ଼ତା
ବୟସ କ୍ରମରେ ବଢି ଯାଏ ତାର ବ୍ୟବଧାନ
ସଂସାରର ଜଞ୍ଜାଳରେ ହୋଇ ଭାରାକ୍ରାନ୍ତ
ହୁଏ ବାଧାପ୍ରାପ୍ତ ଆସେ ନାନା ଭୁଲ୍ ବୁଝାମଣା
ରାଗ ରୋଷରେ ରହେ ନାହିଁ ପୂର୍ବପରି ଦୃଢ଼
ରକ୍ଷା ବନ୍ଧନ ସ୍ମରଣ କରାଇ ଦିଏ ତାର ମହତ୍ୱ
ଅନୁଭବ କରେ ଯିଏ ବୁଝିଥାଏ ତା' ଗୁରୁତ୍ୱ
ସ୍ୱାର୍ଥପର ହୋଇ ଜଣେ କଲେ ବି ଅସ୍ୱୀକାର
ମୃତ୍ୟୁ ଯାଏଁ ଏ ପରିଚ଼ୟ ଥାଏ ସଂସାରରେ
ଏ ପବିତ୍ର ମଧୁର ସଂପର୍କ ହୁଏନା ଛିନ୍ନ
ତଦ୍‌ରୂପେ ମାନବ ସମାଜ ଅଟେ ବିଶ୍ୱ ପରିବାର
ସାରା ସଂସାରକୁ ସୁନ୍ଦର ମଧୁମୟ କରିବାକୁ
ଭାଇ ଭଉଣୀର ପବିତ୍ର ସଂପର୍କ ଅତୁଟ
ରକ୍ଷା କବଚ୍ ରାକ୍ଷୀ ସୂଚ଼ାଇ ଦିଏ ତାର ମହିମା
ଅକ୍ଷୁର୍ଣ୍ଣ ରଖିଲେ ତା' ଧନ୍ୟ ହୁଏ ଜୀବନ ।

କୋହି,ବାରିପଦା,ମୟୂରଭଞ୍ଜ ।
*ଦୂରଭାଷା -- ୮୦୧୮୩୫୩୩୨୨*

## ରାକ୍ଷୀ

*ଡକ୍ଟର ମନୋରଞ୍ଜନ ବିଶୋୟୀ*



କେତେବେଳେ ଆସିବ
ମୋ ଆକାଂକ୍ଷିତ
ରାକ୍ଷୀର ମୁହୂର୍ତ୍ତ
ଗୋଟିଏ ବର୍ଷର
ପ୍ରତୀକ୍ଷା ହେବ ଶେଷ ।
ଚାହିଁଛି ତା' ପଥ
ସେ ମୁହୂର୍ତ୍ତ ଆସିଗଲେ
ମନର ସବୁ ଦୁଃଖ
ହେବ ଶେଷ
ମନରେ ଖେଳିଯିବ
ତୃପ୍ତିର ହସ ।
ରାକ୍ଷୀ ଆସିଛି
ରାକ୍ଷୀ ବାନ୍ଧିବି
ହାତରେ ମୋର
ହୋଇ ହରଷ ।
ତଥାପି ଭଉଣୀ ମୋର
ଭାରି ନିରାଶ
କାରଣ ରାକ୍ଷୀରେ
ଘରକୁ ଆସିନପାରି
ରାକ୍ଷୀ ପଠାଇଛି
ହୋଇ ବିରସ ।
ଆମ ଘରେ
ସେ ଥିଲା
ଗଗନ ମାର୍ଗରେ
ବିଚରଣରତ
ବିହଙ୍ଗ ସଦୃଶ ।
ଏବେ କିନ୍ତୁ
ଶାଶୁଘର ଗଳାପରେ
ତା' ଜୀବନ
ପାଲଟି ଯାଇଛି
କେଉଁ ଏକ
ଗୋପନ ଆତଙ୍କରେ
ଆତଙ୍କିତ
ଶୃଙ୍ଖଳା ସଦୃଶ ।
ତେଣୁ ଚନ୍ଦ୍ରକିରଣ ପରି
ଶାନ୍ତ ଚେହେରା ତାର
ରାକ୍ଷୀ ଆସିଲେ
ସମୁଦ୍ର ତରଙ୍ଗ ପରି
ପାଲଟିଯାଏ ବିକ୍ଷୁବ୍ଧ ।
ତଥାପି ଭଉଣୀ ମୋର
ତୁ ହୁଅନା ନିରାଶ
ଭାଇ ତୋର
ରାକ୍ଷୀ ବାନ୍ଧିବ
ରଖିବ ତ ମାନ
ସାରା ଜୀବନ
ରଖେ ଏ ବିଶ୍ୱାସ ।

*ଦାମୋଦରପୁର, ଗଂଜାମ*
*ମୋ:୮୮୯୫୧୪୧୭୨୭*

## ଭାଇ ହାତେ ରାକ୍ଷୀ

*ରମେଶ ଚ଼ନ୍ଦ୍ର ନାୟକ*



ଶ୍ରାବଣ ମାସରେ ପୁନେଇଁ ତିଥିରେ
ଜହ୍ନ ହସେ କିରି କିରି ,
ଭାଇର ହାତରେ ଭଉଣୀ ବାନ୍ଧିବ
ରେଶମୀ ସୂତାର ଡୋରି ।
ଭାଇ ଭଉଣୀ ଙ୍କ ପବିତ୍ର ସମ୍ପର୍କ
ଅତୁଟ ରଖିଛି ରାକ୍ଷୀ ,
ବିପଦେ ଆପଦେ ଜୀବନର ପଥେ
ରହିଅଛି ସଦା ସାକ୍ଷୀ ।
ସମ୍ପର୍କ ବନ୍ଧନ ଅଟେ ଏହି ରାକ୍ଷୀ
ପବିତ୍ର ପୁଣ୍ୟର ଦିଆଁ ,
ଅତୁଟ ବନ୍ଧନେ ବାନ୍ଧି ରଖିବାକୁ
ଅଟେ ଏକ ସୂତା ଖିଅ ।
ଭାଇ ହାତେ ରାକ୍ଷୀ ବାନ୍ଧଇ ଭଉଣୀ
ଭାଇର ଶୁଭ ମନାସି ,
ରାକ୍ଷୀ ଛୁଇଁ ଭାଇ ଶପଥ କରଇ
ଦେବା ପାଇଁ ହସ ଖୁସି ।
ପୀରତି ପୁଲକ ଖୁସିର ଝଲକ
ଭାଇ ଭଉଣୀର ସ୍ନେହ ,
ପ୍ରେମର ବନ୍ଧନ ଅମୂଲ୍ୟ ରତନ
ଗୋଟେ ମନ ଦୁଇ ଦେହ ।
ହସ ଭରି ଦିଏ ପବିତ୍ର ଉତ୍ସବେ
ସରବେ ହରଷ ମୁଖ ,
ଏ ରକ୍ଷା ବନ୍ଧନ ରକ୍ଷା କରିବାକୁ
ସଦା ଭରି ଦେବ ସୁଖ ।

ଦରଭା , ମଙ୍ଗଳପୁର , ଯାଜପୁର
ମୋ :- ୭୯୭୮୧୫୧୭୧୦
କଟକ

## ରାକ୍ଷୀ

***ସୁହଂସ ଭୋଇ***

ଅରୁଆ ଚ଼ାଉଳ ଫୁଲ ଦୀପଜାଳି
ସଜାଡି ଦେଇଛି ଥାଳି
ଆକଟରେ ବାଟ ଚ଼ାହିଁକି ରହିଛି
ମୋ ଭାଇ ଆସିବ ବୋଲି

ଶରଧାରେ ହାତେ ବାନ୍ଧି ଦେବି ଆଜି
ଭାବର ବନ୍ଧନ ରାକ୍ଷୀ
ଆକାଶ ଅନିଳ ରବି ଚ଼ନ୍ଦ୍ର ଜଳ
ସଭିଏଁ ରହିବେ ସାକ୍ଷୀ
କଥା ଦେଇ ଭାଇ କଥା ମୋ ରଖିବ
ସହିବ ଅଝଟ ଅଳି

ତା'ଜୀବନେ ଆସୁ ଯେତେ ନଈବଢି
ବତାସ ବରଷା ଝଡ଼ି
ବିଭୁ ପାଶେ ବସି ଦେଲେ ମୁଁ ମନାସି
ନିମିଷେ ଯିବ ସେ ଛାଡି
ବଗିଚ଼ାର ଆମେ ଦୁଇ ଗୋଟି କଢି
ଆମର ଗୋଟିଏ ମାଳି

ସାଥେ ସାଥେ ଛାଇ ପରି ରହିଥିବି
ବିପଦେ ଆପଦେ ନିତି
ସିଏ ମୋର ବଳ ବହପ ସାହସ
ଅନ୍ଧାରରାତିର ଜ୍ୟୋତି
ସେନେହ ଆଦର ଥାଉ ପରସ୍ପର
ଭାଇ ମୋ ଯିବୁନି ଭୁଲି

*ପହଣ୍ଡି, ବରଗଡ଼*
*ମୋ: ୯୪୩୭୫୨୨୪୫୫*

## ଦୁର୍ନୀତି ମାହାତ୍ମ୍ୟ !

*ରାଧାଶ୍ୟାମ ରାଉଳ*



ହସି କହନ୍ତି ରଙ୍ଗବତୀ,
'ସର୍ବତ୍ର ବିଦ୍ୟତେ ଦୁର୍ନୀତି !
ଏବେକୁ ଦୁର୍ନୀତି ପ୍ରବଳ,
ଭେଦିଛି ଭୁବନ ମଣ୍ଡଳ !
ଦୁର୍ନୀତି ଲକ୍ଷ ଧନରାଶି,
ଜୀବନେ ଦିଏ ନାନା ଖୁସି !
ଦୁର୍ନୀତିଆଙ୍କ ମୁହଁ ଟାଣ,
ଲୁଟିବା ବିଦ୍ୟାରେ ନିପୁଣ !
ରାଜନୀତିର ତରୁଡାଳେ,
ଦୁର୍ନୀତି ବସା ବାନ୍ଧ ? ଭଲେ !
କ୍ଷମତା:ମଳୟ ପବନ,
ଦୁର୍ନୀତିକୁ କରେ ଚ଼ନ୍ଦନ !
ପ୍ରଖର ଦୁର୍ନୀତିର ତେଜ,
ରୋକିବା ନୁହଁଇ ସହଜ !
ପାଇଲେ ଦୁର୍ନୀତିର ମଜା,
ଜୀବନ ଲାଗେ ଭାରି ତାଜା !
ତେଣୁ ହୋ ପ୍ରିୟ ବନ୍ଧୁଗଣ,
ଦୁର୍ନୀତି କର ରାତିଦିନ !
ଅନ୍ୟ ପ୍ରେମକୁ ଗୁଲିମାର,
ଦୁର୍ନୀତି ପ୍ରେମକୁ ଆଦର !
ଜଗତେ ଥିବା ଯେତେଦିନ,
ଦୁର୍ନୀତି ପାଶେ ରହୁ ମନ !
ଦୁର୍ନୀତି ବିନା ନାହିଁ ଗତି,
ଅସାର ଆଉ ଯେତେ ନୀତି !
ଦୁର୍ନୀତି ନାମ ଜପ କରି,
ଆନନ୍ଦେ ବୋଲ ହରି ହରି !'

*'ଇନ୍ଦ୍ରଧନୁ'*
*୧୦/ବି,ବୀମାବିହାର*
*ମର୍କତନଗର, କଟକ*

## କବିତା ଗୋ ତୁମେ

*ଆଦ୍ୟାଶା ମହାପାତ୍ର*



କବିତା ଗୋ ତୁମେ ଭୋକିଲା ପେଟର
ଅକୁହା ବେଦନା ସ୍ୱର
ସର୍ବହରାର ବୁକୁ ତଳେ ଲେଖା
ଅସୁମାରୀ ଇସ୍ତାହାର ॥
ତୁମେ ପରା ମନେ ଭରିଦିଅ କ୍ଷଣେ
ଶତ ସିଂହର ବଳ
ତୁମ ପାଇଁ କେବେ ଛିଡଇ ଶୃଙ୍ଖଳ
ଜାଗି ବି ଉଠେ ଦୁର୍ବଳ ॥
କବିତା ଗୋ ତୁମେ ରଣ ଆବାହନୀ
ପୀଡିତ ଆଖିରେ ବହ୍ନି
ବିଦ୍ରୋହୀ ଓଠର ପାଞ୍ଚଜନ୍ୟ ତୁମେ
ବିପ୍ଳବର ପ୍ରତିଧ୍ୱନୀ ॥
କେବେ ସାଜ ଶିଶୁ ସରଳ କଣ୍ଠରେ
ତୁମେ ଆହେ ଦୟାମୟ
ଦେଶପ୍ରେମୀ ପ୍ରାଣେ ଶହୀଦ ହେବାର
ପୁଲକିତ ଭାବଦୋୟ ॥
କବିତା ଗୋ ତୁମେ କ୍ରୌ ଯୁଗଳ
ଯନ୍ତ୍ରଣାର ଭାବାବେଗ
କେବେ ବାଢିଦିଅ ପରମାତ୍ମା ତତ୍ତ୍ୱ
କେବେ ସୁଖପ୍ରାପ୍ତି ମାର୍ଗ ॥
କବିତା ଗୋ ତୁମେ ଶାନ୍ତି କପୋତ
ସ୍ନେହ ପ୍ରେମ ବାର୍ତ୍ତାବହ
ଭାବ ଉଚ୍ଛ୍ୱାସର ଉଚ୍ଛୁଳା ରାଗିଣୀ
ଆବେଗ ଉନ୍ମତ୍ତ ସୁଅ ॥
କେବେ ଭର ନିସ୍ୱ ନିଃସଙ୍ଗ ଜୀବନେ
ଅସୁମାରୀ ଜିଜୀବିଷା
ସମାଜ କଲ୍ୟାଣ ଐକ୍ୟ ଓ ସଂହତି
ଜାଗୃତିର ଦିବ୍ୟ ଦିଶା ॥

*ନୂଆପଡା , କଟକ*

# ଶେଷ



ମୂଳ ରଚ଼ନା : ପ୍ରଦୀପ ବିହାରୀ



ଅନୁବାଦ : ପାରମିତା ଷଡ଼ଙ୍ଗୀ

ଅଫିସରେ ସୀମା ପହଁଚ଼ିଲା ମାତ୍ରେ ଚ଼ାରିଆଡ଼ ? ଯେମିତି ଗୋଟେ ମହକ ଖେଳିଯାଏ । ଖାଲି କର୍ମଚ଼ାରୀ କି ଅଧିକାରୀ ନୁହେଁ, ଗ୍ରାହକମାନେ ବି ଖୁବ୍ ଉତ୍ସାହିତ ହେଇଯାଆନ୍ତି । ସେଦିନ ସୀମା ଭିତରକୁ ଆସି ପୂର୍ବପରି ଭୂଷଣ ବାବୁଙ୍କ ପାଖକୁ ଯାଇ ତାଙ୍କ ସାମନାରେ ଚେକ୍ ବୁକ ରଖି ଦେଇ କହିଲା, 'ଟିକେ ଶୀଘ୍ର ପେମେଣ୍ଟ କରିଦେବେ ତ" ପୁଣି ଏପଟ ସେପଟ ଚ଼ାହିଁ ଲୋକଙ୍କର ହାଲଚ଼ାଲ ପଚ଼ାରିବାକୁ ଲାଗିଲା । ଅଧିକାଂଶ ଲୋକଙ୍କୁ ତ ସେ ଆଖିର ଇଶାରାରେ ହିଁ ଖବର ପଚ଼ାରୁଥିଲା ।

ସୀମାର ନଜର ହଠାତ୍ ସୁଭାଷ ଉପରେ ପଡ଼ିବା ମାତ୍ରେ ସେ ଭୂଷଣ ବାବୁଙ୍କୁ ପଚ଼ାରିଲା, " ନୂଆ ଷ୍ଟାଫ କି ?" 'ହଁ' । ରେଜିଷ୍ଟର ଆଡ଼କୁ ଚ଼ାହିଁ ଭୂଷଣ ବାବୁ କହିଲେ । ପୁଣି ଆଡ଼ ଆଖିରେ ସୀମାକୁ ଚ଼ାହିଁ ପଚ଼ାରିଲେ, 'କ'ଣ ! ପସନ୍ଦ ଆସୁଛି କି ?' 'ଧେତ୍ !" ସୀମା କହିଲା, ' ପିଲାଟା ପରା ।' ଗ୍ରାହକମାନଙ୍କ ଭିତରୁ ଜଣେ କେହି ଟିପ୍ପଣୀ ଦେଲା, ' ଆଉ ,ଏକ ଅଲଗା ବୟସରେ ପହଁଚ଼ି ଗଲେଣି ସୀମା ଦେବୀ । ଏବେ ତ... ।"

ତାଙ୍କ କଥା ନ ସରୁଣୁ, ମଝିରେ ସୀମା ଦେବୀ କହିବାକୁ ଲାଗିଲେ, 'ଧେତ୍ !, ଯେମିତି ଗୋଟେ ପୁରୁଷ ଆଣି ବୁଢ଼ା ହୁଏନି ଠିକ୍ ସେମିତି ଗୋଟେ ସ୍ତ୍ରୀ ବି ଆଣି ବୁଢ଼ୀ ହୁଏନି, ମୁଁ ଏକଥା ପ୍ରମାଣ କରିବାକୁ ଚ଼ାହୁଁଛି ।"

ଧୀରେ ଧୀରେ କହିବାଟା ତ ସୀମା ଦେବୀଙ୍କ ଅଭ୍ୟାସ ନୁହେଁ, ସମସ୍ତଙ୍କୁ ଶୁଣା ଯାଉ ଥିଲା । କିଛି ଲୋକ ହସି ଦେଲେ, ଆଉ କିଛି ଚୁପ୍‌ଚ଼ାପ ଠିଆ ହେଇଥିଲେ ।

ସୁଭାଷକୁ ଆଶ୍ଚର୍ଯ୍ୟ ଲାଗୁଥିଲା- କେତେ ବିଚିତ୍ର ସ୍ତ୍ରୀ ଲୋକଟା । ସେ ଖାଲି ଚ଼ାହିଁ ସେ ରହିଥିଲା । ଭୂଷଣ ବାବୁ ନିଜେ ଉଠିକରି ଚେକ୍ କାମଟି ସାରି ଦେଲେ ।

ଟଙ୍କାକୁ ଗଣୁ ଗଣୁ ସୀମା ସୁଭାଷର ଟେବୁଲ ପାଖକୁ ଆସି, ପଚ଼ାରିଲା, " ଘର କୋଉଠି, ଆଜ୍ଞା ?

ସୁଭାଷ ତା' ଗାଁ ଓ ଜିଲ୍ଲାର ନାମ କହିଲା ।

' ଅଛା, ଆପଣ ମିଥିଳାର" ସୀମା ତା'ର ଭାଷାକୁ ମାର୍ଜିତ କରି କହିବାକୁ ଚେଷ୍ଟା କରୁଥିଲା ।

'ଆପଣ ବି ତ ମିଥିଳାର । '

ସୀମା ସୁଭାଷଙ୍କୁ ଗୋଟେ ଆଖିରେ ଚ଼ାହିଁ ଭୂଷଣ ବାବୁଙ୍କ ପାଖକୁ ଯାଇ କହିଲା," ଏଇ ନୂଆ ଷ୍ଟାଫଟା ପିଲାଙ୍କ ପରି ଦେଖା ଯାଉଛି ସିନା ହେଲେ ଭାରି ପରିପକ୍ୱ ପରି ଲାଗୁଛି ।"

ଭୂଷଣ ବାବୁ ଟିକେ ମଜାଳିଆ ସ୍ୱରରେ କହିଲେ, "କ'ଣ ଭାବୁଛ କି ? ଦିନେ ଟିକେ ଟେଷ୍ଟ କରି ଦେଖ... ତା ପରେ ଜାଣିବ... ।"

"ହେଟ୍ !" ସୀମା ଯେମିତି ଆସିଥିଲା, ସେମିତି ଫେରିଗଲା ।

ସୁଭାଷକୁ ତା ଗାଁର ସନ୍ଦେଶ ନାଚ଼ ଓ ଗୀତ ମନେ ପଡୁଥିଲା, 'ଚ଼ାଲୁଛି ମାଳିନୀର ଝିଅ... ପୃଥ୍ୱୀ ପକେଇ ଉଠେଇ... ।'

ସୀମା ଚ଼ାଲି ଗଲା । ଯେ ପର୍ଯ୍ୟନ୍ତ ସେ ଥିଲା ଅଫିସରେ ଉତ୍ସାହ ଥିଲା । ସେ ଚ଼ାଲିଗଲା ପରେ ପୂର୍ବପରି ସ୍ଥିତି ହେଇଯାଇଥିଲା । ଲଞ୍ଚ ସମୟରେ ସୁଭାଷ ତା ସହକର୍ମୀଙ୍କୁ ସୀମା ବିଷୟରେ ପଚ଼ାରୁ ପଚ଼ାରୁ ରଞ୍ଜନ ତୁରନ୍ତ କହିଲା, 'ସୀମା ଦେବୀଙ୍କୁ କିଏ ନ ଜାଣିଛି ଯେ !' "କିନ୍ତୁ ବାସ୍ତବରେ ସେ କିଏ ? " "ଗୋଟେ ପକ୍ଷୀର ନାମ ସୀମା, ଏତକ ତ ତୁମେ ଏବେ ଦେଖିଲ । ଏଇ ପାଖ ହସ୍ପିଟାଲରେ ନର୍ସ ଅଛି । ଦୟାର ଚ଼ାକିରୀ, ତା ସ୍ୱାମୀ ଏଇ ଫ୍ୟାକ୍ଟ୍ରୀରେ କାମ କରୁଥିଲା... ମରିଗଲା ।'ସୀମା ଯେ ଜଣେ ବିଧବା, ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲା ସୁଭାଷ ।

ତାଙ୍କୁ ଦେଖି ଜଣା ପଡୁ ନଥିଲା ଯେ ସେ ବିଧବା ବୋଲି ।

" ପ୍ରଥମେ ହେଲ୍ଥରେ ଚ଼ାକିରୀ ମିଳିଥିଲା । ପରେ ନର୍ସିଂ ଟ୍ରେନିଂ, ନେଇ ନର୍ସ ହେଇଛି ।"

"କିଏ କହିବ ଯେ ସେ ବିଧବା ।"

"ତାଙ୍କ ଫିଟନେସ୍‌କୁ ଦେଖି କିଏ କହିବ ଯେ ତାଙ୍କର ଗୋଟେ ପୁଅ ଆଉ ଗୋଟେ ଝିଅ ଅଛି ବୋଲି ।"

"ସେ ଯାହା ବି ହେଉ... ଦେଖିବାକୁ ଖୁବ୍ ମସ୍ତ.. ।"

ସମସ୍ତେ ହସିବାକୁ ଲାଗିଲେ । ସେଦିନ ଲଂଚ଼ ସମୟରେ ଚ଼ର୍ଚ୍ଚାର ମୂଳ ବିଷୟ ସୀମା ଥିଲା ।

ସୁଭାଷର ଜିଜ୍ଞାସା ଶାନ୍ତ ହେଇ ଯାଇଥିଲା ।

ମାସରେ ତିନି ଚ଼ାରି ଥର ସୀମା ବ୍ୟାଙ୍କକୁ ଆସେ । କିଛି ନା କିଛି କାମରେ, ଖାଲିଟାରେ ନୁହେଁ ।

ଦିନେ ଶର୍ମା ବାବୁ କହିଲେ, "ସୀମା ଦେବୀ, ସବୁବେଳେ ଆସୁଛ, ଭୂଷଣ ବାବୁଙ୍କ ପାଖରେ ବସୁଛ, କଥା କ'ଣ ?"

ସେଦିନ ବ୍ୟାଙ୍କରେ ବହୁତ ଭିଡ଼ ଥିଲା । ତା ପର ଦିନଠୁ ହୋଲିର ଛୁଟି ଆରମ୍ଭ ହେଇ ଯାଉଥିଲା । ସୀମା ଆସିଲା । ଭୂଷଣ ବାବୁ ତା ହାତରୁ ଚେକ୍ ନେଉନେଉ କହିଲେ, "ଏବେ ଯାଅ,ଭିଡ଼ କମିଲେ ଆସିବ ।"

ସୀମା ଚ଼ାଲିଗଲା ।

ଭିଡ଼ କମିବା ପରେ ସୀମା ଆସିଲା । ଭୂଷଣ ବାବୁ ତା ହାତରେ ଟଙ୍କା ଦେଲେ । ସେ ସେମିତି ବସି ରହିଲା । କର୍ମଚ଼ାରୀମାନେ ନିଜ ନିଜର କାମ ସାରି ରଙ୍ଗ ଖେଳିବାକୁ ଲାଗିଲେ ।

ସୁଭାଷ ଦେଖୁଥିଲା, କଲମର ସ୍ୟାହି, ପ୍ୟାଡ଼ର ରଙ୍ଗରେ ସୀମା ସହ ହୋଲି ଖେଳ ଆରମ୍ଭ ହେଇଗଲା । ସେ ବି ସମସ୍ତଙ୍କୁ ଅବିର ଲଗାଉ ଥିଲା । ଭୂଷଣ ବାବୁ ଭିନ୍ନଭିନ୍ନ ଜାଗାରେ ମୋହର ଲଗାଉ ଥିଲେ ।

ହେଇଥାଇ ପାରେ ନୂଆ କର୍ମଚ଼ାରୀ ହେଉଥିବାରୁ କିମ୍ବା ଅନ୍ୟ କୌଣସି କାରଣରୁ ସୁଭାଷ, ସୀମାକୁ ରଙ୍ଗ ଲଗାଇଲା ନାହିଁ । ତାଙ୍କୁ ଭଲ ବି ଲାଗୁ ନଥିଲା । ଏମାନଙ୍କ ଠାରୁ ମୁକ୍ତି ପାଇଲା ପରେ ସୀମା ମୁଠାରେ କିଛି ଅବିର ନେଇ ସୁଭାଷ ପାଖକୁ ଆସୁଥିଲା ବେଳେ, ଲେଜର ରେଜିଷ୍ଟର୍ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ରର ବାହାନା କରି ସୁଭାଷ ମନା କଲା । ହେଲେ ସୀମା ଶୁଣିଲା କୋଉଠୁ । ବାଧ୍ୟ ହେଇ ସୁଭାଷ ତା ଟେବୁଲ ଛାଡି ବାହାରକୁ ଚ଼ାଲି ଆସିଲା । କହିଲା, "ଏମିତି ହୋଲି ଖେଳାଯାଏ କି ? ନିଜ ଚେହେରା ଦେଖ ତ ।"

ସୀମା ରଙ୍ଗୀନ ସ୍ୱର ନେଇ କହିଲା, "ଫଗୁ ଯିଏ ଖେଳେ ସେ ହିଁ ବଞ୍ଚେ ? ।" ମୁଠାଏ ଅବିର ଧରି ସୁଭାଷ ମୁହଁରେ ଲଗାଇ ଦେଲା ।

ସମୟ ବଢ଼ିବାକୁ ଲାଗିଲା । ସୀମା ସେମିତି ଅଫିସ ଆସୁଥିଲା । ତାକୁ ଦେଖି ସମସ୍ତେ ଉତ୍ସାହିତ ହେଉଥିଲେ ।

ବର୍ଷ ପରେ ବର୍ଷ ବିତିଗଲା ।

ସୁଭାଷ ଗୃହସ୍ଥ ହେଇଯାଇଥିଲା ।

ଏଥର କିନ୍ତୁ ତା ମନରେ ଗୋଟେ ଲୋଭ ରହି ରହି ଉଠୁଥିଲା । ସେ ଆଶା କରୁଥିଲା ଯେ କେବେ ନା କେବେ ସୀମା ଅନ୍ୟ କର୍ମଚ଼ାରୀଙ୍କ ପରି ତା ସହ ବି ଥଟ୍ଟା ମଜା କରନ୍ତା କି !

ଶେଷରେ ସୁଭାଷର ଦୁଇ ପୁଅଙ୍କୁ ଆୟୋଜିତ ପ୍ରତିଯୋଗିତା ପରୀକ୍ଷାରେ ଭାଗ ନେବାକୁ ଅନୁମତି ମିଳିଗଲା ଏବଂ ଉଭୟ ନିଜ ନିଜ କକ୍ଷର ପରୀକ୍ଷାରେ ପ୍ରଥମ ସ୍ଥାନ ପାଇଥିଲେ ।

ପ୍ରଧାନ ଶିକ୍ଷକଙ୍କ କହିବା ଅନୁସାରେ ସୁଭାଷକୁ ଅନ୍ୟ ଏକ ଔପଚ଼ାରିକତା ପୂର୍ଣ୍ଣ କରିବାର ଥିଲା । ତାକୁ କମ୍ପାନୀର କୌଣସି ଏକ କର୍ମଚ଼ାରୀଙ୍କ ଠାରୁ ଏକ ପ୍ରମାଣ ପତ୍ର ଆଣିବାର ଥିଲା ଯେ ପିଲା ଦୁଇ ଜଣ ତାଙ୍କର ସମ୍ପର୍କୀୟ ବୋଲି । ସେ ଭୂଷଣ ବାବୁଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିବାରୁ ସେ କହିଲେ, 'କିଛି ଅସୁବିଧା ନାହିଁ, ଆଗ ଆଡ଼ମିଶନ ହେଇ ଯାଉ । ଆଜି ହିଁ ମୁଁ ସବୁ ବ୍ୟବସ୍ଥା କରି ଦେଉଛି ।'

ଭାଗ୍ୟକୁ ସେଇ ଦିନ ସୀମା ଆସିଥିଲା ବ୍ୟାଙ୍କକୁ । ଭୂଷଣବାବୁ ତାକୁ ସବୁକଥା କହିଲେ । ସେ ରାଜି ହେଇଗଲା । ଆବେଦନ ପତ୍ର ଟାଇପ୍ ହେଇ ଆସିଗଲା ଓ ସୀମା ସେଥିରେ ଦସ୍ତଖତ କରିଦେଲା । ଆବେଦନ ପତ୍ର ଦେଖି ସୁଭାଷ ଟିକେ ଆଶ୍ଚର୍ଯ୍ୟ ହେଇଗଲା ।

ତୁରନ୍ତ ସୀମା କହିଲା, "ଆପଣ ବି ସାର୍, କି କଥା କହୁଛନ୍ତି ।" ସୁଭାଷକୁ ଇଶାରା କରି କହିଲା, "ମୋ ଝିଅ ପରା ଯାଙ୍କ ସହ ଲଭ ମ୍ୟାରେଜ କରିଛି । ତା ହେଲେ ଯାଙ୍କ ପିଲା ମୋ ନାତି ହେଲେ ନା ନାହିଁ ।"

ଏମିତି ମିଛଟାକୁ ଗୋଟେ ଦୃଢ଼ ବିଶ୍ୱାସ ସହ ସୀମା କହିଲା ଯେ ଉପସ୍ଥିତ ସବୁ କର୍ମଚ଼ାରୀ ସ୍ତବ୍ଧ ହେଇ ଯାଇଥିଲେ ।

ସୀମାଦେବୀ ସେଇ ଅଫିସକୁ ବି ପୂର୍ବପରି ଉତ୍ସାହିତ କରି ଫେରି ଆସିଲେ ।

କିଛି ଦିନ ପରେ ସୀମା ବ୍ୟାଙ୍କ ଆସିଥିଲା । ପରିସର ଭିତରେ ସମସ୍ତେ ତା ସହ ଥଟ୍ଟା ପରିହାସ କରିବାକୁ ଲାଗିଲେ । ହେଲେ ସେ କାହାକୁ କିଛି ନ କହି, ସୁଭାଷ ପାଖକୁ ଯାଇ କହିଲେ, " ମୋ କାମଟା ଟିକେ ଜଲଦି କରିଦିଅ ।" "ସେଇ ଦିନ ଠାରୁ ସବୁ କର୍ମଚ଼ାରୀ ସୁଭାଷଙ୍କୁ ପଚ଼ାରିବାକୁ ଲାଗିଲେ, "କି ଯାଦୁ କଲେ କି, ସେ ତ ପୁରା ବଦଳି ଯାଇଛନ୍ତି ।" ଫ୍ୟାକ୍ଟ୍ରୀ କର୍ମଚ଼ାରୀଙ୍କ ଦରମା ଦିନ ବ୍ୟାଙ୍କରେ ଖୁବ୍ ଭିଡ଼ ଲାଗି ରହେ । ଛୋଟ ପରିସର କିନ୍ତୁ ଲୋକ ଅଧିକ । ମାସକ ଯାକର ପ୍ରତୀକ୍ଷା ପରେ ସେଇ ଗୋଟିଏ ଦିନରେ ଦରମା ପାଇଁ ପହଁଚ଼ି ଯାଆନ୍ତି । ସେଇ ଭିଡ଼ ଭିତରେ ସୀମା ଆସିଲା । ଆସୁ ଆସୁ ଗର୍ଜନ କରିବାକୁ ଲାଗିଲା, "ହେ ଭୂଷଣ ବାବୁ, ତମ ମ୍ୟାନେଜର କାହାନ୍ତି କି ? ଆଜି ପେମେଣ୍ଟ ଦିନରେ ତ ସ୍ତ୍ରୀ ଲୋକଙ୍କ ପାଇଁ ଅଲଗା ବ୍ୟବସ୍ଥା କରିଥାନ୍ତେ । ଏଇ ଭିଡ଼କୁ ଦେଖ ?ଲେ,ଏମାନଙ୍କୁ ଯେତେ କହିବ ଦୂରକୁ ଯିବାକୁ ସେତିକି ପାଖେଇ ଆସିବେ । ଯେମିତି ଘରେ ମା' ଭଉଣୀ ନାହାଁନ୍ତି ।"

ଏତିକି କହିଚ଼ି କି ତା ଆଖି ସୁଭାଷ ଉପରେ ପଡ଼ିବା ମାତ୍ରେ ସେ ଚୁପଚ଼ାପ ତାଙ୍କ ପାଖକୁ ଆସି ବସିଗଲା । ପାସ୍ ?ବୁକ୍ ? ଓ ଚେକବୁକ ସୁଭାଷ ହାତକୁ ବଢେଇ ଦେଇ କହିଲା, "ଟିକେ ନିଜେ ଯାଇକି ଦେଖ ?ଲେ ।"

ସୁଭାଷ ତା ଚୌକିରୁ ଉଠୁଥିଲା କି କେହି ଜଣେ ସୀମା ସହ ପରିହାସ କଲା । ସୀମା ଗମ୍ଭୀର ହେଇ ଧୀର ସ୍ୱରରେ କହିଲା, "ଚୁପ ରୁହ । ସେ ମୋର ଜ୍ୱାଇଁ ।" ସେଇ ଲୋକଟା ପଚ଼ାରିଲା, 'ଜ୍ୱାଇଁ କାହାନ୍ତି ମ ?"

" ଏଇ ସେଇଠି ।" ସୁଭାଷ ଆଡ଼କୁ ସଙ୍କ ?ତ କରି ସୀମା କହିଲା ।

ସେଇ ବ୍ୟକ୍ତି ଆଶ୍ଚର୍ଯ୍ୟ ହେଇ ପୁଣି ଥରେ ପଚ଼ାରିଲା, "କେମିତି ?"

ସୀମା କହିଲା, "ଜରୁରୀ କି ମୋର ସବୁ ସମ୍ପର୍କକୁ ବାଜା ବଜେଇ ତମକୁ ଜଣାଇ ବି ନା, କ'ଣ ।"

"ଆଚ୍ଛା, ତା ମାନେ, ଏବେ ତମେ ବୁଢ଼ୀ ହେଇଗଲ", ସେଇ ବ୍ୟକ୍ତି କହି ଚ଼ାଲି ଥିଲା, "ତମେ ତ କହୁଥିଲ ଯେ ପ୍ରୁଫ କରି ଦେବ ସ୍ତ୍ରୀ ଲୋକମାନେ କେବେ ବି ବୁଢ଼ୀ ହୁଅନ୍ତିନି ।"

ସୀମା କହିଲା, "ଧେତ୍, ସେ କଥା ଆଉ ଏ କଥାରେ ବହୁତ ପାର୍ଥକ୍ୟ ଅଛି । ତମେ ମାନେ ସମ୍ପର୍କର ମର୍ଯ୍ୟାଦାକୁ ବୁଝିପାର କି ନାହିଁ ! ଯେତେବେଳେ ବୁଝିବ ସେତେବେଳେ ଜାଣିବ ବୁଢ଼ା ଆଉ ତରୁଣ ଭିତରେ ଥ ?ବା ଭେଦ ।"

ମୁହଁ ଶୁଖେଇ କି ସେ ବ୍ୟକ୍ତି ଜଣକ ଚ଼ାଲିଗଲେ । ସୁଭାଷ ଆସି ନିଜ ଚୌକିରେ ବସିଗଲା । ସାମନାରେ ସୀମା ବସିଥିଲା । ସେ ସୀମାକୁ ଟଙ୍କା ଦେଇ, ପକେଟରୁ ପାନ ମସଲା କାଢ଼ି ପାଟିରେ ପକାଇବାକୁ ଯାଉଥିଲା କି ସୀମା ତା ହାତଟା ଧରି ପକାଇଲା । କହିଲା, "ଏ କି ଅଭ୍ୟାସ ? ଏଟା ଦେହ ପାଇଁ କେତେ ଖରାପ ଜାଣିଛ ଟି । ଖବରଦାର ଆଉ ଥରେ ଯଦି ତମ ହାତରେ ଏଇ ପାନ ମସଲା ଦେଖୁଚ଼ି ତ ।"

ସମସ୍ତେ ଆଶ୍ଚର୍ଯ୍ୟ ହେଇଗଲେ । ସୁଭାଷ ବି ।

ସୀମାର ସମ୍ପୂର୍ଣ୍ଣ ଆକୃତିରୁ ବାତ୍ସଲ୍ୟ ମମତା ଝରି ପଡୁଥିବାର, ସୁଭାଷକୁ ଦେଖାଯାଉଥିଲା ।

# ଶେଷ ଶ୍ରାବଣ



ବାଉରିବନ୍ଧୁ ଲେଙ୍କା

ବିଭାଘର ହେବାର ପାଞ୍ଚ ପୁରି ଛଅ ବର୍ଷ ଚ଼ାଲୁଛି । ହେଲେ ଶ୍ରାବଣୀର କୋଳରେ ପିଲା ବକଟେ ଦେଲନି ଠାକୁରେ । ନିଜ ସ୍ୱାମୀଙ୍କଠୁ ଆରମ୍ଭ କରି ଶାଶୁ ଶଶୁର ପର୍ଯ୍ୟନ୍ତ ସମସ୍ତଙ୍କର ତା ଉପରେ ରାଗ । ସିଏ ବା କଣ କରିବ ଯେ ? ଶାଶୁ ଆକୁ ତାକୁ ଦେଖେଇ କେତେ କଣ କହି ଯାଉଛନ୍ତି । ହେଲେ ସେ ସବୁ ଶୁଣି ସେ ନିରବରେ ରହେ । ପିଲାପିଲି ହେବାଟା କଣ ତା ହାତର କଥା ? ଆଜିକାଲି ଡାକ୍ତରୀ ବିଜ୍ଞାନ ବହୁତ ଉନ୍ନତି କଲାଣି । ଏଥିପାଇଁ ତା'ର ସ୍ୱାମୀଙ୍କର କଣ କିଛି କର୍ତ୍ତବ୍ୟ ନାହିଁ ? ବିଭାଘର ପାଞ୍ଚ ବର୍ଷ ବିତିଗଲାଣି ଦିନେ ହେଲେ ବି କହି ନାହାଁନ୍ତି କି ଚ଼ାଲ ଯିବା ଡାକ୍ତରଙ୍କ ସହିତ ଟିକିଏ ପରାମର୍ଶ କରି ଆସିବା । ତଥାପି ମୁହଁ ଖୋଲି ସେ ସ୍ୱାମୀ ସୌରଭଙ୍କୁ ଦୁଇ ତିନି ଥର କହି ସାରିଛନ୍ତି କିନ୍ତୁ ତା'ର ଫଳ ଏପର୍ଯ୍ୟନ୍ତ କିଛି ମିଳିଲାନି ।ସୌରଭ ଭୁବନେଶ୍ୱରରେ ସେକ୍ରେଟାରିଏଟ୍ ରେ ଚ଼ାକିରି କରେ । କ୍ୱାର୍ଟର ମିଳି ନଥିବାରୁ ଭଡାଘରେ ଏକା ରହୁଛି । ପ୍ରତି ଶନିବାର ଦିନ ଘରକୁ ଆସି ସୋମବାର ସକାଳେ ଭୁବନେଶ୍ୱର ଫେରିଯାଏ । ବାପା ମାଆଙ୍କର ବୟସ ବି ହେଲାଣି । ତଥାପି ବାପା ତା'ର ଚ଼ାଷବାସ କଥା ବୁଝନ୍ତି ।ଏ ବର୍ଷ ଦଶହରାକୁ ଶନିବାର ଓ ରବିବାରକୁ ମିଶେଇ ପାଞ୍ଚ ଦିନ ଛୁଟି ମିଳିଛି ସୌରଭକୁ । ସେ ଗାଆଁକୁ ଆସିଛି । ସେ ପାଞ୍ଚ ଦିନ ଘରେ ରହିବ କିନ୍ତୁ ଶ୍ରାବଣୀର ମନରେ ଟିକିଏ ହେଲେ ବି ଖୁସି ନାହିଁ । ସବୁବେଳେ କେତେ ଶୁଣିକରି ସହିବ ? ଯାହା ହେଲେ ବି ରକ୍ତ ମାଂସର ଶରୀରଟା ନା ?

ସୌରଭର ସ୍କୁଲ୍ ସମୟର ସାଙ୍ଗ ମଳୟ ମଧ୍ୟ ଗାଆଁକୁ ଆସିଛି । ସେ ବାଙ୍ଗାଲୋରରେ ଗୋଟିଏ ଆଇ. ଟି. କମ୍ପାନୀରେ କାମକରେ ।

ସୌରଭ ଘରେଥିବା କଥା ଜାଣି ମଳୟ ତାଙ୍କ ଘର ଆଡେ ବୁଲି ଆସିଛି । ଦୁଇ ବନ୍ଧୁ ବହୁ ବର୍ଷପରେ ପରସ୍ପରକୁ ଭେଟି ଖୁସିରେ ବିଭୋର । ଦୁଇଜଣ ଯାକ ଖଟ ଉପରେ ବସି ଅନ୍ତରଙ୍ଗ ଆଳାପ ଆରମ୍ଭ କରିଦେଲେ ।

ସୌରଭ ଟିକିଏ ଅଭିମାନ କରି କହିଲା ,' କେତେ ଅନ୍ତରଙ୍ଗ ଥିଲେ ଆମ୍ଭ ? । ସ୍କୁଲ୍ କୁ ଏକାଠି ଯିବାଠାରୁ ଆରମ୍ଭ କରି ସବୁସ୍ଥାନରେ ସବୁ ସମୟରେ ଆମେ ପ୍ରାୟ ଏକତ୍ର ରହୁଥିଲେ । ସ୍କୁଲ୍ ପାଠ ପରେ ପରେ ଆମେ ପରସ୍ପର ଠାରୁ ଦୂରେଇ ଗଲେ । ତୁ ଈଔଈ କଲେଜରେ ପଢିଲୁ ଆଉ ମୁଁ ଘରୁ ଯିବା ଆସିବା କରି ଗାଆଁ ପାଖ କଲେଜରେ ପଢିଲି । ପରସ୍ପର ସହିତ ଆଉ ମିଶି ପାରିଲେନି । ଆଜି ପରିକା ସେତେବେଳେ ମୋବାଇଲ୍ ଫୋନ୍ ର ପ୍ରଚ଼ଳନ ନଥିଲା । ତେଣୁ ଚ଼ିଠି ମାଧ୍ୟମରେ ହିଁ ଯାହା ଖବର ଆଦାନ ପ୍ରଦାନ ଚ଼ାଲିଥିଲା । ଚ଼ିଠି ଦେଇଥିଲି ମୋ ବିଭାଘରକୁ ଆସିବା ଲାଗି କିନ୍ତୁ ଆସିଲୁ ନାହିଁ । କିଛିଦିନ ପରେ ଚ଼ିଠି ଦେବା ବି ବନ୍ଦ ହୋଇଗଲା । ହଉ ସେ ସବୁ ମନ ପକେଇ ଲାଭ କଣ ? ବହି ଯାଇଥିବା ପାଣି କେବେ କଣ ଲେଉଟି ଆସିବ ? '

ସୌରଭ ଏକା ନିଶ୍ୱାସେକେ ତା ମନ ଭିତରର ସବୁ କଥା କହି ପକେଇଲା । ସୌରଭର କଥା ଶୁଣି ମଳୟ ମନେ ମନେ ଲଜ୍ଜିତ ହୋଇ ଦୁଃଖ ପ୍ରକାଶ କଲା । ସେ ଜାଣିଥିଲା ଯେ ଯେତେ ଯାହା ବାହାନା ଦେଖେଇଲେ ବି କିଛି ଲାଭ ହେବ ନାହିଁ । ଶେଷରେ ସୌରଭ ପଚ଼ାରିଲା କଣ ଏକା ଆସିଛୁ ନା ପରିବାର ସହ ।

'ଏକା ଆସିଛି ' ବୋଲି କହିଲା ମଳୟ । ଏକା ଆସିବା କଥା ଶୁଣି ସୌରଭ ପୁଣି ପଚ଼ାରିଲା ' କାହିଁକି କଣ ଅସୁବିଧା ହେଲା କି ?'

'ନାହିଁ ସେ ବିଷୟରେ କଣ ବା ତତେ କହିବି ? କହିଲେ ଗୋଟାଏ ମହାଭାରତ ହେବ । ତୁ ବୋଧେ ଜାଣିଥିବୁ ସେ ଝିଅଟି ଅଣଓଡିଆ ବୋଲି । ଗୋଟିଏ ଅଫିସ୍ ରେ ଆମେ କାମ କରୁ । କାମ କରିବା ଭିତରେ ତା ସହିତ ସମ୍ପର୍କ ଘନିଷ୍ଠ ହୋଇଗଲା । ତେଣୁ ପରସ୍ପର ସହିତ ବିବାହ କରିବାକୁ ସ୍ଥିର କଲୁ । ଘରେ ଅଣଓଡିଆ ଝିଅ ବୋଲି ଜାଣି ଆଲୌ ରାଜି ହେଲେ ନାହିଁ । ତାଙ୍କ ପରିବାର ମଧ୍ୟ ଏହି ବିବାହରେ ଆଣୀ ସହଯୋଗ କଲେନାହିଁ । ଶେଷରେ ଆମେ ଦୁହେଁ ରେଜେଷ୍ଟ୍ରି ବିବାହ କରିନେଲୁ । ବେଦୀରେ ବସି ବାହା ହେବାର ସୌଭାଗ୍ୟ ବୋଧେ ଆମ ଭାଗ୍ୟରେ ନଥିଲା । ଦୀର୍ଘ ତିନି ବର୍ଷ ପରେ ଏକୁଟିଆ ଘରକୁ ଆସିଛି । ତାକୁ ଆଣିଥିଲେ କାଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ତାକୁ ଆଣିଲି ନାହିଁ । ଘରେ ବାପାଙ୍କ ଦେହ ଭଲ ନାହିଁ । ଘରକୁ ଆସିବାର ମୁଖ୍ୟ କାରଣ ହେଉଛି ବାପାଙ୍କୁ ଦେଖିବା । ବାହାଘର ପରେ ଆମର ପୁଅଟିଏ ହୋଇଛି । ତାକୁ ପ୍ରାୟ ଦେଢ ବର୍ଷ ପାଖାପାଖି ହେବ । ଆଉ ତୋ ଖବର କଣ କହ । ଘରେ ପିଲାଙ୍କର ପାଟି ତୁଣ୍ଡ କିଛି ଶୁଭୁନାହିଁ । ଭାଉଜଙ୍କୁ ଟିକେ ଦେଖେଇବୁ ନା ନାହିଁ ?'

' ଆରେ ଏ କଣ କହୁଛୁ ? ତୁ ଆସୁ ଆସୁ ଆମେ ଗପସପରେ ବ୍ୟସ୍ତ ରହିଗଲେ । ତୋ ସହିତ ତା'ର ଆଗରୁ ଦେଖା ହୋଇନି । ତେଣୁ ସଂକୋଚ଼ କରି ସେ ଏ ଘରକୁ ଆସିନି । ତା ଛଡା ତୁ ମୋର ସବୁଠୁ ଭଲ ସାଙ୍ଗ ବୋଲି ସିଏ ବି ଜାଣିନାହିଁ ।'

—'କାଇଁ ମାଉସୀ କଣ ମୋତେ ଚ଼ିହ୍ନି ନାହାନ୍ତି ? ସେ ବି ତ କହି ପାରିଥାଆନ୍ତେ ' ବୋଲି ମଳୟ କହିଲା ।

— ହଁ କହି ପାରିଥାଆନ୍ତା କିନ୍ତୁ ସେ ସବୁ କଥା କଣ କହିବି ତତେ । କଥାରେ କହନ୍ତି 'କହିଲେ କୁଳ କୁଟୁମ୍ବଙ୍କୁ ଲାଜ ନ କହିଲେ କୁଳ ଭାସି ଯାଉଛି ' ।

ମଳୟ ସଙ୍ଗେ ସଙ୍ଗେ କହିଲା ,' ଏମିତି ବୁଲେଇ ବଙ୍କ ?ଇ କହିଲେ ମୁଁ କିଛି ବୁଝି ପାରିବିନି । ସିଧା କଥାଟା କହୁନୁ ' ।

— ' କଣ ଆଉ କହିବି ? ଏବେ ତୁ ନିଜେ ପରା କହୁଥିଲୁ ପିଲାଛୁଆଙ୍କ ପାଟି କାହିଁକି ଶୁଭୁନି ବୋଲି ? ସେଇଟା ହିଁ ଆଜି ସବୁ ଅନର୍ଥର କାରଣ । ପିଲାଝିଲା କିଛି ହେଉ ନାହାଁନ୍ତି ବୋଲି ବୋଉ ବାପା ସମସ୍ତେ ଶ୍ରାବଣୀ ଉପରେ ଖପା । ଶ୍ରାବଣୀ ତୋ ଭାଉଜ , ସିଏ ବା ଏଥିର କଣ କରି ପାରିବ ? ମୁଁ ମଧ୍ୟ ସମୟେ ସମୟେ ଭାରସାମ୍ୟ ହରେଇ ତାକୁ କଣ ନା କଣ କହିଦେଉଛି । ତୁ ନିଜେ କହ ମୁଁ ଏଥିରେ କଣ କରି ପାରିବି ? ବୋଉକୁ ସପୋର୍ଟ କରିବି ନା ସ୍ତ୍ରୀକୁ ସପୋର୍ଟ କରିବି ? ସବୁବେଳେ ଅଶାନ୍ତ ମନରେ ରହିବାକୁ ପଡୁଛି ।'

ମଳୟ ସୌରଭ କଥା ଶୁଣି କହିଲା , ' ତୁ ପରା ଭୁବନେଶ୍ୱରରେ ରହୁଛୁ ? ଯୁଗ ଯାଇ କୋଉଠି ମାରିଲାଣି ,ତୁ ଯେଉଁଠି ଥିଲୁ ସେଇଠି ରହିଯାଇଛୁ । ମେଡିକାଲ୍ ସାଇନ୍ସ କେତେ ଅଗ୍ରଗତି କଲାଣି ସେ ବିଷୟରେ ତୋର କିଛି ବି ଜ୍ଞାନ ନାହିଁ ? କେବେ ଏ ସମ୍ୱନ୍ଧରେ ଡାକ୍ତରଙ୍କ ସହିତ ପରାମର୍ଶ କରିଛୁ ? ହଉ ସେ ସବୁ ଛାଡ ଆସନ୍ତା କାଲି ତୁମେ ଦୁଇଜଣ ପ୍ରସ୍ତୁତ ହୁଅ ଭୁବନେଶ୍ୱର ଯିବାପାଇଁ । ମୁଁ ବି ତୁମ ସାଙ୍ଗରେ ଯିବି । ସେଠାରେ ଡାକ୍ତରଙ୍କ ସହିତ ଏ ସମ୍ୱନ୍ଧରେ କଥା ହେବା ।'

ସେଇ ଅନୁସାରେ ପରଦିନ ସକାଳେ ତିନିଜଣ ସାଙ୍ଗ ହୋଇ ଭୁବନେଶ୍ୱରର ସମ୍ ହସ୍ପିଟାଲ୍ ରେ ପହଞ୍ଚିଲେ । ସେଠାରେ ଡାକ୍ତରଙ୍କ ସହ ପରାମର୍ଶ କରି ତାଙ୍କର କହିବା ଅନୁସାରେ ଷ୍ପ୍ୱରବଷ୍ପଙ୍କରଭଷ୍ପ ରେ ରହିଲେ । ଭଗବାନଙ୍କ କୃପାରୁ ବର୍ଷକ ମଧ୍ୟରେ କନ୍ୟା ସନ୍ତାନଟିଏ ଜନ୍ମ ହେଲା । ଏ ସମ୍ୱନ୍ଧରେ ସୌରଭ ମଳୟକୁ ଫୋନ୍ ରେ ଜଣେଇବା ସହିତ ଧନ୍ୟବାଦ ମଧ୍ୟ ଦେଇଥିଲା ।ଶ୍ରାବଣୀ ଗର୍ଭାବସ୍ଥାରେ ଥିବାବେଳେ ଶାଶୁ ତା'ର ସମସ୍ତ ଖବର ଅନ୍ତର ବଢୁଥିଲେ । ଏଠାର କୁଟା ସେଠାକୁ ଉଠେଇବାକୁ ଦେଉନଥିଲେ । ଶାଶୁଙ୍କର ଏପରି ପରିବର୍ତ୍ତନ ଦେଖି ଶ୍ରାବଣୀର ମନ ବହୁତ ଖୁସି ହୋଇ ଯାଇଥିଲା । କିନ୍ତୁ କନ୍ୟା ସନ୍ତାନଟିଏ ହେବାପରେ ଶାଶୁଙ୍କର ରୂପ ପୁଣି ପୂର୍ବ ଅବସ୍ଥାକୁ ଫେରିଯାଇଥିଲା । ଯାହାର ଭାଗ୍ୟରେ ଦୁଃଖ ହିଁ ଲେଖା ହୋଇଛି ତାକୁ କିଏ ବା ବଦଳେଇ ପାରିବ ? ପରିବାରର ସମସ୍ତେ ଯଦି ଜଣକ ଉପରେ ରାଗ ସୁଝେଇବେ, ସିଏ କେତେ ଅବା ସହିବ ?

ସମୟ ଗଡି ଚ଼ାଲାଥାଏ । ଏହା ଭିତରେ ଝିଅକୁ ପ୍ରାୟ ଦଶ ମାସ ହୋଇଗଲାଣି । ଶ୍ରାବଣ ମାସ । ଲଗାଣ ବର୍ଷା ଲାଗି ରହିଥାଏ । ଗାଆଁକୁ ଲାଗି ବହି ଯାଉଥିବା ଦେବୀ ନଦୀରେ ବନ୍ୟା ଜଳ ଦୁଇ କୂଳ ଖାଇ ବହି ଚ଼ାଲିଥାଏ । ବର୍ଷା ହେତୁ ରାତିହେଲେ କେହି କାହା ଘରକୁ ଯାଉ ନଥାନ୍ତି । ସେଦିନ ରାତିରେ ହଠାତ୍ ଝିଅର ଦେହ ଖରାପ ହୋଇଗଲା । ବାତ ମାରିଲା ପରି ଖାଲି ହିକା ଟେକୁଥାଏ । ଶ୍ରାବଣୀ ଡରିଯାଇ ଶାଶୁମାଆଙ୍କୁ ଡାକିଲା । ହେଲେ ଝିଅକୁ ସେମାନେ ବଞ୍ଚାଇ ପାରିଲେ ନାହିଁ । ଖବର ପାଇ ସୌରଭ ଅତ୍ୟନ୍ତ ଭାରାକ୍ରାନ୍ତ ମନରେ ଛୁଟି ନେଇ ଗାଆଁକୁ ଆସି ସମସ୍ତ କ୍ରିୟାକର୍ମ ସାରି ଭୁବନେଶ୍ୱର ଫେରିଗଲା ।

ଯେତେବେଳେ ଦୁଃଖ ଆସେ ସଙ୍ଗରେ ତାର ସହଚ଼ର ମାନଙ୍କୁ ଧରିକରି ଆସିଥାଏ । ଶ୍ରାବଣୀର ଭାଗ୍ୟରେ ବୋଧେ କେବଳ ଦୁଃଖ ହିଁ ଲେଖାଥିଲା । ଝିଅ ଚ଼ାଲିଗଲା ପରେ ଶାଶୁମା ଙ୍କୁ କାରଣ ମିଳିଗଲା ବିଭିନ୍ନ ପ୍ରକାର ଉଲୁଗୁଣା ଦେବାପାଇଁ । ଦିନେ ମୁହେଁ ମୁହେଁ କହିଦେଲେ ,' ପିଲାପିଲି ତ ହେଉ ନଥିଲେ , କେତେ ଓଷଧି ମୋଷଧି ଖାଇଲା ପରେ ଝିଅଟିଏ ଠାକୁରେ ଦେଇଥିଲେ ଯେ ତାକୁ ବି ଖାଇବସିଲୁ । ଛାଡପତ୍ର ନେଇ ବାପ ଘରକୁ ଚ଼ାଲି ଯାଉନୁ କାହିଁକି ? ତୁ ନଯିବା ପର୍ଯ୍ୟନ୍ତ ସୌରଭ କଣ ଆଉଥରେ ବିବାହ କରିପାରିବ ? ନହେଲେ ଏ ଘରର କୁଳ ରକ୍ଷା ହେବ କିପରି ?

ଶ୍ରାବଣୀର ମୁଣ୍ଡରେ ପୁଣି ଅକାଳରେ ବଜ୍ରପାତ ହେଲା । ଛାଡପତ୍ର ନେଇ ସେ କଣ କରିବ ? ବାପଘର ବି ସେମିତି ଚ଼ଳିଲାବାଲା ନୁହଁନ୍ତି । ଆଖିକୁ ଆଉ ତା'ର ନିଦ ଆସିଲାନାହିଁ । ବହୁତ ଚ଼ିନ୍ତା କଲା ପରେ ସ୍ଥିର କଲା ଯେଏଭଳି ଏକ ଅଲୋଡା ଜୀବନକୁ ରଖି ଲାଭ ବା କଣ ? ବର୍ଷଣ ମୁଖର କିଟ୍ ମିଟ୍ ଅନ୍ଧାର ରାତିରେ ସେ ପହଞ୍ଚିଗଲା ଦୁଇକୂଳ ଖାଇ ପ୍ରଖର ବେଗରେ ବହୁଥିବା ଦେବୀ ନଦୀର ବନ୍ଧ ଉପରେ । ଆଉ କିଛି କ୍ଷଣ ଭିତରେ ସବୁକିଛି ଶେଷ ହୋଇ ଯାଇ ଥିଲା । ସକାଳେ ଶ୍ରାବଣୀର ବେଡ୍ ଉପରେ ଛୋଟ କାଗଜ ଖଣ୍ଡିକରେ ଲେଖାଥିଲା — ଶ୍ରାବଣ ମାସରେ ଜନ୍ମ ହୋଇଥିଲି ବୋଲି ବାପା ମାଆ ଶ୍ରଦ୍ଧାରେ ନାଁ ରଖିଥିଲେ ଶ୍ରାବଣୀ ବୋଲି । ମୋ ପାଇଁ ଶ୍ରଦ୍ଧା ବୋଲି କିଛି ନାହିଁ । ବିବାହ ପରବର୍ତ୍ତୀ ଜୀବନରେ ମୁଁ କେବଳ ଦୁଃଖର ପାହାଡ ହିଁ ଦେଖିଛି । ମୁଁ ଆଉ ସହି ପାରୁନି ତେଣୁ ସମସ୍ତଙ୍କୁ ଛାଡି ମୁଁ ସବୁଦିନ ପାଇଁ ଚ଼ାଲିଯାଉଛି ଯେଉଁଠିକୁ ଥରେ ଗଲେ ଆଉ କେହି ଫେରନ୍ତି ନାହିଁ । ଜନ୍ମ ନେଇଥିଲି ଏହି ଶ୍ରାବଣ ମାସରେ ଆଉ ଆଜିର ଏହି ଶ୍ରାବଣ ହିଁ ମୋ ପାଇଁ ଶେଷ ଶ୍ରାବଣ । ହଁ ମୋର ମୃତ୍ୟୁ ପାଇଁ କେହି ବି ଦାୟୀ ନୁହନ୍ତି ।

ଇତି ।

*ଶ୍ରାବଣୀ*

*ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର*
*ଭୁବନେଶ୍ୱର*
*ଦୂରଭାଷ: ୯୮୫୩୫୩୫୮୪୪*




# ବୈଶାଖ ମାସ ଶେଷ ଶନିବାରରେ ନବଗ୍ରହପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋଣାର୍କ (ପିଏନ୍): ଶନିବାର ବିଶ୍ୱ ଐତିହ୍ୟ କେଣାର୍କ ସୂର୍ଯ୍ୟମନ୍ଦିର ବେଢ଼ା ନିକଟରେ ଥିବା ନବଗ୍ରହ ମନ୍ଦିର ପରିସରରେ ଗତକାଲି ଲକ୍ଷାଧିକ ଶ୍ରଦ୍ଧାଳୁ ନବଗ୍ରହଙ୍କୁ ଦର୍ଶନ କରିଥିବା ବେଳେ ଗ୍ରହପିଡ଼ାରୁ ମୁକ୍ତି ପାଇଁ ହୋମ ଯଜ୍ଞ କରିଥିଲେ । ବୈଶାଖ ମାସର ଶେଷ ଶନିବାର ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମାନସିକଧାରି ଶ୍ରଦ୍ଧାଳୁମାନେ ନବଗ୍ରହଙ୍କ ପିଡ଼ାରୁ ମୁକ୍ତି ପାଇଁ ପ୍ରତ୍ୟୁଷରୁ ପରମ୍ପରାନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ ଓ ମହୋଦଧିର ସଙ୍ଗମସ୍ଥଳିରେ ସ୍ନାନଶୌଚ ହୋଇ ସଙ୍କଳ୍ପ କରିବା ସହିତ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ । ପରେ କୋଣାର୍କ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରି ସୂର୍ଯ୍ୟମନ୍ଦିର ପରିକ୍ରମା କରିବା ସହିତ ନବଗ୍ରହଙ୍କୁ ପୂଜାର୍ଚ୍ଚନା ଓ ଗ୍ରହଶାନ୍ତି ନିମନ୍ତେ ହୋମ କରିଥିଲେ । ବିଶେଷ କରି ବୈଶାଖ ମାସର ଶନିବାରମାନଙ୍କରେ ନବଗ୍ରହଙ୍କୁ ଦର୍ଶନ କଲେ ଗ୍ରହପିଡ଼ାରୁ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମନରେ ବିଶ୍ୱାସ ରହିଛି ।





ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇଁ ଶ୍ରଦ୍ଧାଳୁମାନେ ନିଜ ପିଲାମାନଙ୍କୁ ନବଗ୍ରହଙ୍କ ପୀଠ ପରିସରରେ ବାଲିରେ ଗାତଖୋଳି ସେଥିରେ ପୋତି ଗ୍ରହପିଡ଼ା ଓ ବିଭିନ୍ନ ପ୍ରକାର ରୋଗରୁ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଥିଲେ । ନବଗ୍ରହଙ୍କ ପୀଠ ପରିସରରେ ୯ଟି ଶନିବାର ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟ



ରୋଗରେ ପିଡ଼ିତ ଥିବା ପିଲାମାନଙ୍କୁ ଯଦି ପୋତାଯାଏ ତେବେ ସେମାନଙ୍କର ଏହି ଦୁରାରୋଗ୍ୟ ରୋଗରୁ ନିଶ୍ଚିତ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ନବଗ୍ରହଙ୍କୁ ଦର୍ଶନ ନିମନ୍ତେ ସଙ୍କୁଚିତ ଗର୍ଭଗୃହ ଭିତରକୁ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏକକାଳୀନ ପ୍ରବେଶ ଶ୍ରଦ୍ଧାଳୁମାନଙ୍କୁ ବ୍ୟଥିତ କରିଥିଲା । ପ୍ରଖର ରୌଦ୍ରତାପ ହେଉଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହିତ ନବଗ୍ରହଙ୍କୁ ଧାଡିଦର୍ଶନ କରିଥିଲେ ଶ୍ରଦ୍ଧାଳୁ ।



କୋଣାର୍କ ସୁରକ୍ଷା ସମିତି ଓ ସତ୍ୟସାଇ ସେବା ସମିତି ପକ୍ଷରୁ ଜଳଛତ୍ରମାନ ଖୋଲାଯାଇ ଅଭଡା ତୋରାଣୀ, ଦହିପଣା ଓ ସୁମିଷ୍ଟ ପଣା ପାଣିର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ମନ୍ଦିର ସମ୍ମୁଖରେ ବିଭିନ୍ନ ସାମଗ୍ରୀର ଦୋକାନମାନ ଖୋଲିଥିଲା । ଗାଁଗହଳିରୁ ଆସିଥିବା ଶ୍ରଦ୍ଧାଳୁ ମହିଳାମାନେ ନବଗ୍ରହଙ୍କ ଦର୍ଶନପରେ ଘରକରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା । କୋଣାର୍କ ପୁଲିସ ପକ୍ଷରୁ ନବଗ୍ରହଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା ।

# ତଥାଗତ ବୁଦ୍ଧ : କରୁଣାର ଅବତାର

ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ। କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ। ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ। ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା। ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ। ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ।



ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳ ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା। କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା। ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ। ବୁଦ୍ଧଦେବ ଶ୍ରୀବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ। ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା। କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ ସେ ବୁଦ୍ଧଙ୍କୁ ଧରିପାରୁନଥିଲା କ୍ଳାନ୍ତ ହୋଇ ଗୋଟିଏ ସ୍ଥାନରେ ଛିଡ଼ା ହୋଇସେ ଉଚ୍ଚସ୍ୱରରେ କହିଲା - 'ସ୍ଥିର ହୁଅ ଶ୍ରମଣଂ'। ଉତ୍ତରରେ ବୁଦ୍ଧ କହିଲେ-ମୁଁ ସର୍ବଦା ସ୍ଥିର, ମାତ୍ର ଚଞ୍ଚଳତା ମଧ୍ୟରେ ତୁମେ ଗତି କରୁଅଛ। ଅତଏବ ତୁମେ ସ୍ଥିର ହୁଅ'। ଅଙ୍ଗୁଳିମାଳା କହିଲା - 'ଶ୍ରମଣ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ?' ବୁଦ୍ଧ ଦେବ କହିଲେ-'ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର। ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ। ଅତଏବ୍ ତୁମେ ଅସ୍ଥିର।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା। ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା। ନରହତ୍ୟା ରୂପୀ ପୂର୍ବାର୍ଜ୍ଜିତ ପାପ ପାଇଁ ତା ନେତ୍ରରୁ ଅନୁତାପର ଅଶ୍ରୁଧାର ଧାର ହୋଇ ଝରିବାକୁ ଲାଗିଲା। ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ। ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା। ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ। କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପରପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା ଜୀବନକୁ ଧନ୍ୟ କରିଦେଲା।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି। ବସୁଧୈବ କୁଟୁମ୍ବକମ୍। ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ। ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ। କେହି କାହାକୁ ହତ୍ୟା ନକରୁ। ଯେ କୌଣସି କାରଣ ପାଇଁ ହେଉ ହତ୍ୟାକାରୀଟି ବାସ୍ତବରେ ଦୁଃଖ ମଣିଷଟିଏ। ଅଶାନ୍ତ ଆତ୍ମାଟିଏ। ସେ ଆମର ଆତ୍ମୀୟ। ତା ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ। ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା ଆଖିରୁ ପ୍ରେମର ଅଶ୍ରୁ ମଧ୍ୟ ନିର୍ଗତ ହୋଇପାରିବ-ଅନ୍ୟ ମଣିଷ ଆତ୍ମୀୟଟି ପାଇଁ। ଏଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସ୍ନାସ୍ନାତ ରଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମ୍ଭମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା



କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ଦିନକୁ ଦିନ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ ଗୋବିନ୍ଦପୁର ଅଂଚଳରେ ଥିବା ଏକ ଗ୍ରୋସରୀ ଦୋକାନ ନିକଟରେ ରାଜେଶ କୁମାର ପଣ୍ଡା ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏହାକୁ ନେଇ ଟାଉନ ଥାନାରେ ଏକ ଏତଲା ପ୍ରଦାନ କରାଯାଇଥିବା ବେଳେ ତୁରନ୍ତ ଏହି ଅସାମାଜିକ ଯୁବକମାନଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଖବର ନେବାରେ ଜଣାପଡିଛି ଯେ, କେନ୍ଦୁଝର ସଦର ମହକୁମାର ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ପଣ୍ଡାଙ୍କ ବଡପୁଅ ରାଜେଶ ଏକ କାର୍ଯ୍ୟରେ ଗୋବିନ୍ଦପୁର ଅଂଚଳରେ ଥିବା ଏକ ଗ୍ରୋସରୀ ଦୋକାନରେ ଥିବା ସମୟରେ ଭୋଲା ନାମକ ଜଣେ ଯୁବକ ସହ ସାମାନ୍ୟ କାରଣରୁ ବଚସା ହୋଇଥିଲା । ଏହାପରେ ସେ ରାଜେଶଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ । ରାଜେଶ ସାଙ୍ଗରେ ନେଇଥିବା ସ୍କୁଟିକୁ ଭାଙ୍ଗିଦେବା ସହ କିଛି ସମୟ ପରେ ୭ରୁ ୮ଜଣ ଯୁବକ ଠେଙ୍ଗା, ପଥର ଓ ବୋତଲରେ ରାଜେଶଙ୍କୁ ମାଡ ମାରିଥିବା ସହ ତାଙ୍କ ପାଖରେ ଥିବା ୧୭ହଜାର ଟଙ୍କା ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଏହି ସଂଘବଦ୍ଧ ଆକ୍ରମଣରେ ରାଜେଶଙ୍କ ମୁଣ୍ଡରେ ବିରାଟ କ୍ଷତ ହେବା ସହ ଚାରିଗୋଟି ଷ୍ଟିଚ ପଡିଛି । ତାଙ୍କୁ ତୁରନ୍ତ ମେଡିକାଲକୁ ନ ନେଇଥିଲେ ଅବସ୍ଥା ଗୁରୁତର ହୋଇଥାନ୍ତା ବୋଲି ପୋଲିସ ପ୍ରକାଶ କରିଛି । ଏହାପରେ ଟାଉନ ଥାନା ପକ୍ଷରୁ ତୁରନ୍ତ ଅପରାଧିମାନଙ୍କୁ ଧରିବା ପାଇଁ ଏକ ଚଢାଉ ଜାରି ରଖିଛନ୍ତି । ମୁଖ୍ୟ ଅଭିଯୁକ୍ତ ବ୍ୟବହାର କରୁଥିବା ମୋଟର ସାଇକେଲ ପୋଲିସ ଜବତ୍ କରିଛି । ଟାଉନ ଥାନା ତରଫରୁ ଭାରତୀୟ ପିଙ୍ଗଳକୋର୍ଡର ଧାରା ୩୯୫ରେ ମାମଲା ଦାଏର ହୋଇଛି । ଏଠାରେ ସାତରୁ ଆଠ ଜଣ ଯୁବକ ଏଠାରେ ନିୟମିତ ଡ୍ରଗ୍ସ ସେବନ କରି ଆତଙ୍କ ସୃଷ୍ଟି କରୁଥିବାବେଳେ ଗୋବିନ୍ଦପୁର ଅଂଚଳ ଅସମାଜିକ ଯୁବକଙ୍କ ଏକ ଆଡଡାସ୍ଥଳୀ ପାଲଟିଛି ବୋଲି ଅଭିଯୋଗ ହୋଇଛି ।

## ଇଞ୍ଚୋଳ ବିକାଶ ମଞ୍ଚ ପକ୍ଷରୁ ନିର୍ମଳ ନୀର କାର୍ଯ୍ୟକ୍ରମ

ହାଟଡିହୀ (ପିଏନ୍): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ନିର୍ମଳ ନୀର - ୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଦୀପକ କୁମାର ଜେନା, ସମାଜସେବିକା ଡ.ସୁରେଶ୍ୱରୀ ଜେନା ଓ ବକ୍ତା ଭାବେ ଗୋଷ୍ଠୀ ପରିମଳ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥି ଭାବେ ଯୁବ ଯନ୍ତ୍ରୀ ବିଶ୍ୱନାଥ ପ୍ରତାପ ଜେନା, ହୃଦାନନ୍ଦ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ନିର୍ମଳ ନୀର ଜଳଛତ୍ର ସହ ଗୋମାତା, ମୁକ୍ତ ଜଳଛତ୍ର ଓ ମୁକ୍ତାକାଶ ବିହଙ୍ଗ ମାନଙ୍କ ପାଇଁ ଗଛରେ ଖାଦ୍ୟଶସ୍ୟ ଓ ପାଣି ପଲମ ଲଗାଯାଇଥିଲା ଏବଂ ପରିବେଶ ଉପଯୋଗି ଆଲୋଚନା ଚକ୍ରରେ ଖରାଦିନରେ ବନ୍ୟପ୍ରାଣୀ, ଗୋ ସମ୍ପଦ ଯତ୍ନ ଓ ମୁକ୍ତ ପ୍ରାଣୀ ବିହଙ୍ଗ ମାନଙ୍କ ଖାଦ୍ୟ ପାନୀୟ ଉପରେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ତୃଷାର୍ତ୍ତ ବାଟୋଇ ମାନଙ୍କୁ ମଞ୍ଚର ସଦସ୍ୟ ମାନଙ୍କ ପ୍ରସ୍ତୁତ ଜଳଦାନ କରାଯାଇ ଘର ଆଗରେ ଓ ଗଛରେ ପାଣି କୁଣ୍ଡ ରଖିବା ପାଇଁ ଅନୁରୋଧ କରାଯାଇଥିଲା । ଅତିଥିମାନଙ୍କ ଉପସ୍ଥିତିରେ ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ଜଳ ସେଚନ ବିଭାଗକୁ ପ୍ରାଣୀ ମାନଙ୍କ ପାଇଁ କେନାଲ ପାଣି ଛାଡିବା ପାଇଁ ଦରଖାସ୍ତ କରାଯିବାକୁ ସ୍ଥିର କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିବା ବେଳେ ଜୀବନ ରାଉତ, ଚିରଂଜୀବ ନାୟକ, ନିରଂଜନ ନାୟକ, ସରୋଜ, ଅଜୟ ଜେନା, ସୁଆର, ବଳରାମ ରାଉତ, ପ୍ରଦୀପ ସା, ସୁକୁମାର ନାୟକ, କେଦାର ଯେନା, ଇନ୍ଦ୍ରମଣୀ ଯେନା, ପ୍ରମୋଦ ଯେନା, ତାପସ ନାୟକ, ଅନିଳ କୁମାର ସା ପ୍ରମୁଖ ପରିଚାଳନା କରିଥିଲେ । ଗ୍ରାମାଞ୍ଚଳରେ ଏଭଳି ନିଆରା କାର୍ଯ୍ୟକ୍ରମକୁ ସର୍ବସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

## ସାଧନା ଫାଉଣ୍ଡେସନର ସଚେତନତା ସଭାରେ ବିଷୁବ ମିଳନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର କୁରୁଡ଼ା ପଞ୍ଚାୟତ ପରିସରରେ ସାଧନା ଫାଉଣ୍ଡେସନ ତରଫରୁ ଓଡ଼ିଶା, ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ର ସହଯୋଗରେ ବେଲ, ଛେନା, କଦଳି, ମିଠେଇର ମିଶ୍ରଣରେ ପ୍ରସ୍ତୁତ ପଣା ସରବତ ବଣ୍ଟନ କରାଯିବା ସହିତ ଲୋକମାନଙ୍କ ଭିତରେ ସାଇବର କ୍ରାଇମ ଆୱାରନେସ ଉପରେ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିଷୁବ ମିଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଲୋକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦିକା ସୁଜାତାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୁରୁଡ଼ାର ସରପଞ୍ଚ ତାପସ ପାଣିଗ୍ରାହୀ ଉଦ୍ଘାଟନ କରି ପଣା ସରବତ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ସହ ସଂପାଦିକା ମିନତୀ କର, ଗେଙ୍ଗୁଡ଼ି ପଞ୍ଚାୟତର ସମିତି ସଭ୍ୟା ପୁଷ୍ପରାଣୀ ରାଉତ, ଯୋଗେନ୍ଦ୍ର ସେନାପତି, ରଶ୍ମିରଞ୍ଜନ ଜେନା ଓ ପ୍ରମୁଖ ସଭ୍ୟ ସଭ୍ୟାମାନେ ସହଯୋଗ କରିଥିଲେ। ଏହି ଭଳି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରାଯିବା ପାଇଁ ସଂଗଠନର କର୍ମକର୍ତ୍ତା ମାନେ ପୂର୍ବ ପ୍ରସ୍ତୁତି କରିଥିଲେ।

## ରାମେଶ୍ୱର ମନ୍ଦିରରେ ପଣା ସରବତ ଓ ପ୍ରସାଦ ବଣ୍ଟନ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ବାଲିଆ ସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ବେଲ, କଦଳି, ଛେନା, ମିଠେଇ ଦ୍ୱାରା ପ୍ରସ୍ତୁତ ପଣା ସରବତ୍ର ବଣ୍ଟନ କରାଯାଇଥିଲା। ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଭାଙ୍ଗ ସରବତ! କାରଣ ବହୁସଂଖ୍ୟକ ମହିଳା ଓ ପୁରୁଷ ଭାଙ୍ଗ ସରବତ ପାଇଁ ପ୍ରବଳ ଭିଡ଼ ଜମାଇଥିଲେ। ତା' ସହିତ୍ର ମନ୍ଦିର ପ୍ରାଙ୍ଗଣରେ ୫୦୦ ଲୋକଙ୍କ ପାଇଁ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ରାମେଶ୍ୱର ମନ୍ଦିର କମିଟିର ସଂପାଦକ ପଦ୍ମଲୋଚନ ସାମନ୍ତରାୟଙ୍କ ପୌରୋହିତ୍ୟରେ ମନ୍ଦିର କମିଟିର ସଦସ୍ୟ ତାପସ ନନ୍ଦ, ନିରୋଜ ଦାସ, ନିତ୍ୟାନନ୍ଦ ସାମଲ, ପ୍ରଦୀପ ଦାସ, କଞ୍ଚମଣି ସ୍ୱାଇଁ ଓ ମନ୍ଦିରର ନନାମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜେ.ଏସ୍.ଡବ୍ଲ୍ୟୁ. ଓ ଭିଜନ ସ୍ପ୍ରିଙ୍ଗ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର

ପାରାଦୀପ (ପିଏନ୍)-ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଭୂମିକା ହସ୍ପିଟାଲ୍ ଓ ଭିଜନ ସ୍ପ୍ରିଙ୍ଗର ମିଳିତ ସହଯୋଗରେ ପାରାଦୀପ ପୋର୍ଟ ବଣିକ ସଂଘ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ପାରାଦୀପ ଅଂଚଳର ପ୍ରାୟ ୩୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୭୦ ଜଣଙ୍କର ରିଫ୍ରାକଟେରୀ ଏରର ବା ନିଆରା ଭିଜନ ସମସ୍ୟା ଥିବାର ଜଣାପଡିଥିଲା। ସେହିମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ଯେଉଁମାନଙ୍କର ଚକ୍ଷୁଜନିତ ସମସ୍ୟା ରହିଛି ସେମାନଙ୍କୁ ଅଧିକ ଚିକିତ୍ସା ପରାମର୍ଶ ଦିଆଯାଇଛି। ଏଥିସହିତ ଆବଶ୍ୟକ ଅନୁସାରେ ଚଷମା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବଣିକ ସଂଘର ଅନ୍ୟ ସଦସ୍ୟମାନେ ଶିବିରରେ ସହଯୋଗ କରିଥିଲେ।




## ଶ୍ରୀବଳରାମଙ୍କ ବିଷୟରେ ଜଣା ଅଜଣା ତଥ୍ୟ



ନିରୁପମା ଭୂୟାଁ

ଭଗବାନ ଶ୍ରୀକୃଷ୍ଣ ଭଳି ବଳରାମ ପିଲାଦିନେ ଗୋପାଳକ ଭାବେ ଜୀବନ ଅତିବାହିତ କରିଥିଲେ। ତାଙ୍କର ଅଧିକାଂଶ ସମୟ ଶ୍ରୀକୃଷ୍ଣଙ୍କ ସହିତ କଟିଥିଲା। କୃଷ୍ଣ-ବଳରାମ ସାଥୀ ହୋଇ ସବୁଆଡ଼େ ଯାଉଥିଲେ। ସେ ଧେନୁକାସୁରର ବଧ କରିଥିଲେ। ମଥୁରାରେ ପ୍ରଳମ୍ବାସୁର ଏବଂ ମୁଷ୍ଟିକ ମଲ୍ଲଯୋଦ୍ଧାର ମୃତ୍ୟୁ ମଧ୍ୟ ବଳରାମଙ୍କ ହାତରେ ହୋଇଥିଲା। କଂସର ମୃତ୍ୟୁ ପରେ ଉଭୟ ଶ୍ରୀକୃଷ୍ଣ ଏବଂ ବଳରାମ ଗୁରୁ ସନ୍ଦିପନୀଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ଦୁହେଁ ଅସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଶିକ୍ଷା ଲାଭ କରିଥିଲେ। ଯଦୁବଂଶର ଦାୟାଦ ହୋଇଥିଲେ ବି ନନ୍ଦ ରାଜାଙ୍କ ଘରେ ଜନ୍ମ ହୋଇଥିବାରୁ ଦୁଇଟି ପରିବାର ଅଂଶ ଥିଲେ ବଳରାମ। ଜଣେ ମାତାଙ୍କ ଗର୍ଭରେ ରହିବା ପରେ ଅନ୍ୟ ଜଣେ ମାତାଙ୍କ ଗର୍ଭ ଦେଇ ସଂସାରକୁ ଆସିଥିବାରୁ ସେ ଶଙ୍କର୍ଷଣ ନାମରେ ପରିଚିତ ହୋଇଥିଲେ। ତେବେ ତାଙ୍କର ପିଲାଦିନର ନାମ ଥିଲା ରାମ। ମହାଶକ୍ତିଶାଳୀ ହୋଇଥିବାରୁ ତାଙ୍କ ନାମ ପୂର୍ବରୁ ବଳ ଯୋଡ଼ାଯାଇଥିଲା। ଫଳରେ ସେ ବଳରାମ ନାମରେ ପରିଚିତ ହେଲେ। ନନ୍ଦ ରାଜାଙ୍କ ଆମନ୍ତ୍ରଣ କ୍ରମେ ମୁନି ଗର୍ଗ ନନ୍ଦଗ୍ରାମକୁ ଆସି ଶ୍ରୀକୃଷ୍ଣ ତଥା ବଳରାମଙ୍କ ନାମକରଣ କରିଥିଲେ।

ଶ୍ରୀକୃଷ୍ଣଙ୍କ ବର୍ଣ୍ଣ କୃଷ୍ଣ ବା କଳା ରଙ୍ଗର ହୋଇଥିବା ବେଳେ ବଳଭଦ୍ରଙ୍କ ଥିଲେ ଗୌରବର୍ଣ୍ଣ। ସେଥିପାଇଁ ସର୍ବତ୍ର ବଳରାମଙ୍କ ଗୌରବର୍ଣ୍ଣର ମୂର୍ତ୍ତି ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ବଳରାମ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ସେ ହାତରେ ହଳ ଏବଂ ଗଦା ଧାରଣ କରୁଥିଲେ। ତାଙ୍କ ହଳ ଲଙ୍ଗଳର ନାମ ଥିଲା ବାଲଚିତ୍ର। ସେ ସର୍ବଦା ନୀଳ ବର୍ଣ୍ଣର ବସ୍ତ୍ର ପରିଧାନ କରୁଥିଲେ। ତାଙ୍କ ଗଳରେ ବଣରୁ ତୋଳାଯାଇଥିବା ଫୁଲର ମାଳା ଲମ୍ବିଥିଲା। କର୍ଣ୍ଣରେ କୁଣ୍ଡଳ, ମସ୍ତକରେ ଚିତା ଝଟକୁ ଥିଲା। ଲମ୍ବା କେଶ ଥିଲା। ମୁଣ୍ଡରେ ଜଟା କରି କେଶ ବାନ୍ଧୁଥିଲେ। ହାତରେ ମଣିବନ୍ଧ, କଟିବନ୍ଧ ଆଦି ଶୋଭା ପାଉଥିଲା। ତାଙ୍କର ଶକ୍ତି ସାଙ୍ଗକୁ ତାଙ୍କ ସ୍ୱରୂପ ସମସ୍ତଙ୍କ ପାଇଁ ଆକର୍ଷଣୀୟ ଥିଲା ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି।

ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବଳରାମ ମଧ୍ୟ ଅସ୍ତ୍ର ଉଠାଇବେ ନାହିଁ ପ୍ରତିଜ୍ଞା କରିଥିଲେ। ଭୀମ ଏବଂ ଦୁର୍ଯ୍ୟୋଧନ ବଳରାମଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଗ୍ରହଣ କରିଥିଲେ। ଯୁଦ୍ଧରେ ଭୀମ ନିୟମ ଭଙ୍ଗ କରି ଦୁର୍ଯ୍ୟୋଧନର ଅଣ୍ଟା ତଳ ଅଂଶକୁ ପ୍ରହାର କରି ତାର ବଧ କରିଥିଲେ। ଏହା ଜାଣିବା ପରେ ବଳରାମ କ୍ରୋଧିତ ହୋଇ ଭୀମଙ୍କ ହଳ ସାହାଯ୍ୟରେ ବଧ କରିବାକୁ ଆସିଲେ। ମାତ୍ର ଶ୍ରୀକୃଷ୍ଣ ତାଙ୍କୁ ଅଟକାଇ କହିଲେ, ଭୀମ ଅଧର୍ମର ବିନାଶ ଲାଗି ଦୁର୍ଯ୍ୟୋଧନର ବଧ କରିଛନ୍ତି। ତା'ଛଡ଼ା ଦ୍ରୌପଦୀର ବସ୍ତ୍ର ହରଣ କରିଥିବାରୁ ଦୁର୍ଯ୍ୟୋଧନକୁ ମାରିବା ଲାଗି ଭୀମ ଶପଥ ନେଇଥିଲେ। ଆପଣ କାହିଁକି ଅଯଥାରେ ଭୀମଙ୍କୁ ମାରି ପାପ ମୁଣ୍ଡାଇବେ? ଶ୍ରୀକୃଷ୍ଣଙ୍କ କଥା ଶୁଣିବା ପରେ ବଳରାମଙ୍କ କ୍ରୋଧ ଶାନ୍ତ ହୋଇଥିଲା। ବଳଭଦ୍ରଙ୍କୁ ସମର୍ପିତ ଅନେକ ମନ୍ଦିର ମଧ୍ୟରୁ ପ୍ରସିଦ୍ଧ ହେଉଛି ତୁଳସୀକ୍ଷେତ୍ର ବା ଆଧୁନିକ କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଦେବ ଜୀଉ ମନ୍ଦି। ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଶ୍ରୀବଳଦେବଜୀଉଙ୍କ ସହିତ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏହି ମନ୍ଦିରରେ ବଳଭଦ୍ରଙ୍କୁ ବଡ଼ ଠାକୁର ଭାବେ ପୂଜା କରାଯାଉଥିବାରୁ ଏହାର ଲୋକପ୍ରିୟତା ଅଧିକ। ବଳଦେବଜୀଉ ମନ୍ଦିରରେ ପୁରୀ ଶ୍ରୀମନ୍ଦିର ଭଳି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀବଳଦେବ ବ୍ରହ୍ମତାଳଧ୍ୱଜ ରଥରେ ବିରାଜମାନ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ଷତମାମ ଏଠାରେ ଶ୍ରୀବଳଦେବଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ଏଠାରେ ଦେବୀ ତୁଳସୀଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଶ୍ରୀବଳଦେବଜୀଉ ମନ୍ଦିର ବ୍ୟତୀତ ରାଜଧାନୀ ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର, ପୁରୀ ଶ୍ରୀକ୍ଷେତ୍ରରେ ମଧ୍ୟ ଶ୍ରୀବଳଭଦ୍ରଙ୍କୁ ପୂଜା କରାଯାଇଥାଏ। ଓଡ଼ିଶାର ଅନ୍ୟ ଅ ଳରେ ମଧ୍ୟ ବଳଭଦ୍ରଙ୍କୁ ସମର୍ପିତ ମନ୍ଦିର ଦେଖିବାକୁ ମିଳିଥାଏ। ଏହାଛଡ଼ା ପଞ୍ଜାବର ନଓ୍ୱାନ୍‌ସହରରେ ଥିବା ବଲିୟାନା ମନ୍ଦିର ମଧ୍ୟ ଶ୍ରୀବଳରାମଙ୍କୁ ସମର୍ପିତ ବୋଲି ଜଣାଯାଏ। ମହାଗ୍ରନ୍ଥ ମହାଭାରତରେ ବଳରାମଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ହରିବଂଶ ପୁରାଣ, ଭାଗବତ ଏବଂ ଅନ୍ୟ ପୁରାଣରେ ତାଙ୍କୁ ବ୍ୟୁହ ଅବତାର ଶଂକର୍ଷଣ ଭାବେ ବର୍ଣ୍ଣନା କରାଯାଇଛି। ଶେଷନାଗଙ୍କ ଅବତାର ବଳରାମ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଅନୁଜ ଲକ୍ଷ୍ମଣଙ୍କ ରୂପରେ ଅବତାର ନେଇଥିଲେ ବୋଲି କେତେକ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ମହାଭାରତରେ ମହାମୁନି ବ୍ୟାସଦେବ ବର୍ଣ୍ଣନା କରିଛନ୍ତି ଯେ ଅନ୍ତିମ ସମୟ ଆସିବାରୁ ଭଗବାନ ବଳରାମ ଏକ ବୃକ୍ଷ ମୂଳରେ ଧ୍ୟାନରେ ବସିଲେ। ଏହାପରେସେ ଏକ ଧଳା ସର୍ପରେ ପରିଣତ ହୋଇଗଲେ। ଏହି ସର୍ପ ଅତ୍ୟନ୍ତ ବିଶାଳ ତଥା ଏକାଧିକ ଫଣା ବିଶିଷ୍ଟ ଥିଲା। ଏହାପରେ ବଳରାମ ସମୁଦ୍ରରେ ପ୍ରବେଶ କରିଯାଇଥିଲେ। ଏହି ଘଟଣାରୁ ବଳରାମ ଶେଷନାଗଙ୍କ ଅବତାର ଥିଲେ ବୋଲି ବିଶ୍ୱାସ କରାଯାଏ। ଦ୍ୱାପର ଯୁଗରେ ସେ ବଳରାମ, ତ୍ରେତୟା ଯୁଗରେ ସେ ଲକ୍ଷ୍ମଣଙ୍କ ରୂପରେ ଜନ୍ମ ନେଇଥିବା ଅନେକ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ସେହିପରି କଳିଯୁଗରେ ସେ ମହର୍ଷି ପତଞ୍ଜଳିଙ୍କ ରୂପରେ ଅବତାର ନେଇଥିବା କୁହାଯାଏ। ପତଞ୍ଜଳୀ ଯୋଗଶାସ୍ତ୍ର ବିଷୟରେ ପ୍ରଥମ ପୁସ୍ତକ ରଚନା କରିଥିଲେ।

*ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା)*
*ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,*
*କେନ୍ଦ୍ରାପଡ଼ା ଜିଲ୍ଲା, ପଳାଇ*
*ବାଳିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, ୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ., ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଏସଆଇସି ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରି କରାଯାଇଛି।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## ଅଣ ସଂରକ୍ଷିତ ସରକାରୀ ପଦବୀରେ ସଂରକ୍ଷିତ ବର୍ଗର ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପାଇପାରିବେ: ହାଇକୋର୍ଟ

ଭୁବନେଶ୍ୱର,(ପି.ଏନ): ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ବି ଅଣ ସଂରକ୍ଷିତ ସରକାରୀ ପଦବୀକୁ ପଦୋନ୍ନତି ପାଇପାରିବେ। ଅଣ ସଂରକ୍ଷିତ ଆସନ କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ। ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏଭଳି ଫଇସଲା ଶୁଣାଇଛନ୍ତି। ହାଇକୋର୍ଟର ଅନ୍ୟତମ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ଥାନ ସଂରକ୍ଷଣ ଓ ପଦୋନ୍ନତି ସଂକ୍ରାନ୍ତୀୟ ଏକ ସମ୍ବେଦନଶୀଳ ମାମଲାର ବିସ୍ତୃତ ଶୁଣାଣି ପରେ ଉଲ୍ଲେଖ କରିଛନ୍ତି ଯେ ଯୋଗ୍ୟତା ଥାଇ କୌଣସି ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଅଣ ସଂରକ୍ଷିତ ପଦବୀ ପାଇଁ ପଦୋନ୍ନତି କିମ୍ବା ନିଯୁକ୍ତି ନଦେବା ସମ୍ବିଧାନର ୧୪ ଓ ୧୬ ଧାରାର ଖୋଲା ଉଲ୍ଲଂଘନ କରୁଛି। ଏ ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୦୧୯ ଜାନୁଆରୀ ୧୧ ତାରିଖରେ ଜାରି କରିଥିବା ଏକ ସ୍ପଷ୍ଟୀକରଣକୁ ମଧ୍ୟ ବେଆଇନ୍ ବୋଲି ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପ୍ରହଲାଦ କୁମାର ସିଂହ ଓ ଅମୀୟ କୁମାର ଛାଟୋଇ ଏହି ମାମଲା ପରିଚାଳନା କରିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଧନଞ୍ଜୟ ମୁଣ୍ଡ ଲଢୁଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝରେ ଜିଲ୍ଲାରେ ୨୦୧୦ ମସିହାରେ ଅମିନ ଭାବେ ଲଳିତ କୁମାର ନାଏକ ନାମକ ଜଣେ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀ ନିଯୁକ୍ତି ପାଇଥିଲେ। ବରିଷ୍ଠତା ତାଲିକାରେ ତାଙ୍କର ନାମ ୭ କ୍ରମରେ ରହିଥିବା ବେଳେ ୨୦୧୨ ମସିହାରେ ଏହି ପଦବୀରେ ନିଯୁକ୍ତି ପାଇଥିବା ଅଣ ସଂରକ୍ଷିତ ବର୍ଗର ଅନ୍ୟ ଦୁଇଜଣଙ୍କ ନାମ ତାଲିକାର ୨୦ ଓ ୨୧ କ୍ରମରେ ରହିଥିଲା। କେନ୍ଦୁଝର ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ପଦବୀ ଲାଗି ୨୦୧୯ ମସିହାରେ ପଦୋନ୍ନତି ଦିଆଯିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଅଣ ସଂରକ୍ଷିତ ଆସନରେ ବରିଷ୍ଠ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ କି ନାହିଁ ସେ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଚାହିଁଥିଲେ। ରାଜସ୍ୱ ବିଭାଗ ଏ ସଂକ୍ରାନ୍ତରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମତ ଲୋଡ଼ିଥିଲେ। ଏସ୍‌ସି ଓ ଏସ୍‌ଟି ବର୍ଗର ସ୍ୱାର୍ଥ ରକ୍ଷା ପାଇଁ ଗଢ଼ାଯାଇଥିବା ଏହି ବିଭାଗ କିନ୍ତୁ ଅଣ ସଂରକ୍ଷିତ ଆସନରେ ଅଣ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ମତ ଦେବା ପରେ ତଦନୁଯାୟୀ ରାଜସ୍ୱ ବିଭାଗ ଜିଲ୍ଲା ପ୍ରଶାସନକୁ ଜଣାଇ ଦେଇଥିଲେ ଏବଂ ଏହି ଆଧାରରେ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଥିବା ଏସ୍‌ଟି ପ୍ରାର୍ଥୀଙ୍କୁ ଉପେକ୍ଷା କରି ତାଙ୍କ ଠାରୁ ୨ବର୍ଷ ପରେ ଚାକିରିରେ ଯୋଗ ଦେଇଥିବା ଢେର କନିଷ୍ଠ ଅଣ ସଂରକ୍ଷିତ ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯିବାରେ ବଞ୍ଚିତ ଏସ୍‌ଟି ପ୍ରାର୍ଥୀ ଜଣକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ସମ୍ବିଧାନର ବିଭିନ୍ନ ଧାରା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଏ ପ୍ରସଂଗରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଏବଂ ସର୍ବୋପରି ସୁପ୍ରିମକୋର୍ଟଙ୍କ ରାୟର ତର୍ଜମା କରି ଓଡ଼ିଶା ହାଇକୋର୍ଟ ଏଭଳି ରାୟ ଦେଇଛନ୍ତି। ଇନ୍ଦ୍ରା ସାୱ୍ନୀ, ଆର.କେ. ସଭରୱାଲ୍, ବିରପାଲ୍ ସିଂ ଚୌହ୍ୱାନ, ନୀତିନ କୁମାର, ସଂଜୀବ କୁମାର ସିଂହ ଆଦି ମାମଲାରେ ସୁପ୍ରିମକୋର୍ଟ ବାରମ୍ବାର ସ୍ପଷ୍ଟ କରିଦେଇଛନ୍ତି ଯେ ଅଣ ସଂରକ୍ଷିତ ସରକାରୀ ପଦପଦବୀ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ। ସଂରକ୍ଷିତ ବର୍ଗର କୌଣସି ଯୋଗ୍ୟ ପ୍ରାର୍ଥୀ ଅଣ ସଂରକ୍ଷିତ ପଦବୀ ପାଇଁ ମଧ୍ୟ ତାଙ୍କ ଯୋଗ୍ୟତା ଓ ଦକ୍ଷତା ଆଧାରରେ ପ୍ରତିଯୋଗିତା କରିପାରିବେ। ଏମିତିକି ଯୋଗ୍ୟତା ଓ ଦକ୍ଷତା ଆଧାରରେ ଯଦି ସଂରକ୍ଷିତ ବର୍ଗର କୌଣସି ପ୍ରାର୍ଥୀ ଅଣ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ଠାରୁ ଭଲ ପ୍ରଦର୍ଶନ କରିଥାନ୍ତି ତେବେ ସଂପୃକ୍ତ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଅଣ ସଂରକ୍ଷିତ ଦର୍ଶାଇ ଯୋଗ୍ୟତା ଆଧାରରେ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ଦିଆଯାଇପାରିବ। ଓଡ଼ିଶା ହାଇକୋର୍ଟ ଆବେଦନକାରୀଙ୍କ ପ୍ରାର୍ଥନାକୁ ଗ୍ରହଣ କରିବା ସହିତ ଯୋଗ୍ୟ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଏଭଳି କ୍ଷେତ୍ରରେ ପଦୋନ୍ନତିରୁ ବଞ୍ଚିତ କରାଯିବା ଘଟଣାକୁ ଅନ୍ୟାୟ ବୋଲି ଦର୍ଶାଇବା ସହିତ ସରକାର ଏ ସଂକ୍ରାନ୍ତରେ ତାଙ୍କ ପଦୋନ୍ନତି ନୀତିର ପୁନଃ ମୂଲ୍ୟାୟନ କରି ସଂରକ୍ଷିତ ବର୍ଗର କୌଣସି ମେଧାବୀ ପ୍ରାର୍ଥୀଙ୍କୁ ଯେଭଳି ବଞ୍ଚିତ କରାନଯାଏ ସେ ସଂକ୍ରାନ୍ତରେ ମାସକ ମଧ୍ୟରେ ସ୍ପଷ୍ଟ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି। ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି। ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି। ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଖେଳ
ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
୨୬ ବର୍ଷରେ
Bhubaneswar Sunday August 18 2024 ଭୁବନେଶ୍ୱର ରବିବାର, ଅଗଷ୍ଟ ୧୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଭୁବନେଶ୍ୱର କଳିଙ୍ଗ ନଗରସ୍ଥିତ ଡ୍ରିମ ଇଣ୍ଡିଆ ସ୍କୁଲ ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ୭୮ ତମ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ନଗର ସ୍ଥିତ ଡ୍ରିମ ଇଣ୍ଡିଆ ସ୍କୁଲ ପରିସରରେ ପାଳିତଭାରତ ହୋଇଛି । ମୁଖ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମମତା ପାଟଶାଣି ଯୋଗ ଦେଇ ପତାକା ଉତୋଳନ କରିବା ସହ ସ୍ୱାଧୀନତା ଦିବସ ର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରି ଭାରତ ର ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ବଳିଦାନ ଦେଇଥିବା ବୀର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ପ୍ରଣିପାତ କରି ନିଜର ଉଦବୋଧନ ଦେଇଥିଲେ । ପିଲାମାନେ ସତମାର୍ଗ ଏବଂ ଅହିଂସା ପଥରେ ଆଗକୁ ବଢ଼ି ଏକ ବିକଶିତ ଭାରତ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ । ସ୍କୁଲ ର ଅଧକ୍ଷା ଗାୟତ୍ରୀ ରାଉତ ସମସ୍ତ କାର୍ଯ୍ୟକ୍ରମ ର ପରିଚାଳନା କରି ପିଲାମାନଙ୍କୁ ନିଜର ଉଦବୋଧନ ଦେଇଥିଲେ । ସ୍କୁଲ ର ମୁଖ୍ୟ ପରିଚାଳକ ଶ୍ରୀ ତିଳକ କଡାଲ ସଫଳତା ପୂର୍ବକ ସମ୍ପାଦନ କରିଥିଲେ ଓ ଅନ୍ୟ ଶିକ୍ଷକ ମାନେ ଏଥିରେ ସହଯୋଗ କରିଥିଲେ ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୧୧ତମ ଛାୟା ଜାତିସଂଘ ଆଜି ଉଦ୍‌ଘାଟିତ ହୋଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି ଛାୟା ଜାତିସଂଘକୁ ଉଦ୍‌ଘାଟନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଛାୟା ଜାତିସଂଘ ହେଉଛି ଏଭଳି ଏକ ପ୍ଲାଟଫର୍ମ ଯେଉଁଠି ଛାତ୍ରଛାତ୍ରୀମାନେ ଅନ୍ୟମାନଙ୍କ ସହ କିପରି ବାର୍ତ୍ତାଳାପ, ଆଲୋଚନା କରିବାକୁ ହେବ ଶିଖିବା ସହ ଯୁକ୍ତି ଉପସ୍ଥାପନ ଶୈଳୀ, ନିଜର ଚିନ୍ତାଧାର ପରିପ୍ରକାଶ, ବିଭିନ୍ନ ସମସ୍ୟା ସମାଧାନ କରିବାର ପାରଦର୍ଶିତା ଏବଂ ନେତୃତ୍ୱ ନେବାର ଦକ୍ଷତା ଆଦି ବିଷୟରେ ଶିଖିବାର ସୁଯୋଗ ମିଳିଥାଏ । ଛାୟା ଜାତିସଂଘରେ ସୁନ୍ଦର ଭାବେ ଜ୍ଞାନ ଓ ଭାବ ପରିପ୍ରକାଶର ସମନ୍ୱୟ ହୋଇଥାଏ । ଏକ ସମୃଦ୍ଧ ଭାରତ ଗଠନରେ ଯୁବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଯୁବଗୋଷ୍ଠୀକୁ ଶିକ୍ଷା ସହ ସଶକ୍ତ, ସକ୍ଷମ, ସଂଶ୍ଳିଷ୍ଟ ଏବଂ ପ୍ରବୃଦ୍ଧ କରିବାକୁ ପଡ଼ିବ ବୋଲି ଶ୍ରୀ ସାମନ୍ତ କହିଥିଲେ । ଛାୟା ଜାତିସଂଘରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ବର୍ତ୍ତମାନ ସମୟ ହେଉଛି ଜ୍ଞାନର ଯୁଗ । ଛାତ୍ରଛାତ୍ରୀମାନେ ନିଜର ଜ୍ଞାନକୁ ଆହୁରି ବ୍ୟାପକ କରିବା ସହ ଦକ୍ଷ ହେବାକୁ ପଡ଼ିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଆର. କେ. ନାରଙ୍ଗ କହିଲେ, ଏକ ଦାୟିତ୍ୱବାନ୍ ରାଷ୍ଟ୍ର ଭାବେ ଭାରତ ଜାତିସଂଘରେ ଶାନ୍ତି ଓ ନିରାପତ୍ତା କ୍ଷେତ୍ରରେ ପ୍ରତ୍ୟେକ୍ଷ ଭାବେ ଅଂଶ ଗ୍ରହଣ କରିଆସୁଛି । କରୋନା ମହାମାରୀ ସମୟରେ ଏକ ଦାୟିତ୍ୱବାନ୍ ରାଷ୍ଟ୍ରଭାବେ ଭାରତ ଏହାର ମୁକାବିଲା ନିମନ୍ତେ ଅନ୍ୟ ଦେଶଗୁଡ଼ିକ ସହ ଛିଡ଼ାହେବା ସହ ସେମାନଙ୍କୁ ସହଯୋଗର ହାତ ବଢ଼ାଇଥିଲା । ବର୍ତ୍ତମାନ ସମୟରେ ମାନବିକତା ଓ ମାନବାଧିକାର ବିଶ୍ୱର ସବୁଠାରୁ ବଡ଼ ପ୍ରସଙ୍ଗ ହୋଇଛି । ଏହାଛଡ଼ା ଜଳବାୟୁ ପରିବର୍ତ୍ତନ, ସାଇବର ଅପରାଧ, ଆତଙ୍କବାଦ ଭଳି ଅନେକ ବୈଶ୍ୱିକ ପ୍ରସଙ୍ଗ ରହିଛି । ଏସବୁର ସମାଧାନର ପନ୍ଥା ବାହାର କରିବାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ଦେଶରେ ପରଣିତ ହେବାର ଲକ୍ଷ୍ୟ ରଖିଛି । ୧୪୦ କୋଟି ଭାରତୀୟ ତଥା ବିଶ୍ୱବାସୀଙ୍କ ଆଶା ଯୁବକମାନେ ହିଁ ପୂରଣ କରିପାରିବେ ବୋଲି ଶ୍ରୀ ନାରଙ୍ଗ କହିଥିଲେ । ତେଣୁ ବିଶ୍ୱ ଦୃଶ୍ୟପଟକୁ ଦୃଷ୍ଟିରେ ରଖି ଭାରତକୁ କିପରି ଏକ ସମୃଦ୍ଧ ରାଷ୍ଟ୍ରରେ ପରଣିତ କରାଯାଇପାରିବ ସେଥିପାଇଁ ଯୁବକ ଯୁବତୀମାନେ ନୂତନ ଚିନ୍ତାଧାର ପରିପ୍ରକାଶ କରିବା ଆବଶ୍ୟକ ବୋଲି ସେ କହିଥିଲେ ।ଏହି ଛାୟା ଜାତିସଂଘରେ ଛାତ୍ରଛାତ୍ରୀମାନେ ପାରସ୍ପରିକ ଆଲୋଚନା, ପର୍ଯ୍ୟାଲୋଚନା ଓ ନିଜର ସର୍ଜନଶୀଳ ଚିନ୍ତାଧାରା ମାଧ୍ୟମରେ ବିଶ୍ୱର ବିଭିନ୍ନ ପୁରୁଣା ସମସ୍ୟା ସହ ବର୍ତ୍ତମାନର ସମସ୍ୟାର ସମାଧାନର ପନ୍ଥା ବାହାର କରିବେ ବୋଲି ସେ ଆଶା ପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍‌ର ଅଧକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଛାୟା ଜାତିସଂଘରେ ବିଭିନ୍ନ ସ୍କୁଲ୍‌ରୁ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି । ଏହି ଛାୟା ଜାତିସଂଘର ବିଷୟବସ୍ତୁ 'ଆତ୍ମନିର୍ଭରତା: ରାଷ୍ଟ୍ରୀୟ ସମୃଦ୍ଧି ଠାରୁ ବୈଶ୍ୱିକ ସ୍ଥିରତା' ରଖାଯାଇଛି ।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପାରାଦୀପ ମଧୁବନଠାରେ ଥିବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଦିନ ଅପରାହ୍ନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ କେନ୍ଦ୍ରର ପରିଚାଳିକା ବ୍ରହ୍ମାକୁମାରୀ ସୁମନ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ପାରାଦୀପର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା । ମାନସିକ ଚାପରୁ ମୁକ୍ତ ହେବା ପାଇଁ ବିଭିନ୍ନ ମାଧ୍ୟମ ସମ୍ପର୍କରେ ବ୍ରହ୍ମାକୁମାରୀ ସୁମନ ବକ୍ତବ୍ୟ ରଖିଥିଲେ । ଶେଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ହାତରେ ରକ୍ଷା ବନ୍ଧନ କରାଯାଇଥିଲା । ପାରାଦୀପ କେନ୍ଦ୍ରର ଭାଇଭଉଣୀମାନେ ସକ୍ରିୟ ଭାବେ ଏହି ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ ।

# ଆଉ ଏକ ମାଇଲ ଖୁଣ୍ଟ ହାସଲ କଲା ପୂର୍ବତଟ ରେଳପଥ ପ୍ରଥମ ଥର ରେଳ ସହିତ ସଂଯୋଗ ହେଲା ବୌଦ୍ଧ ଜିଲ୍ଲା



ଭୁବନେଶ୍ୱର,(ପି.ଏନ): ୩୦୧ କିମି ଦୈର୍ଘ୍ୟ ନିର୍ମାଣାଧୀନ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଆଜି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି । ୧୬.୨୭ କିମି ଦୈର୍ଘ୍ୟ ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଇ ଆଜି ନୂତନ ଲାଇନରେ ଇଞ୍ଜିନ ରୋଲିଂ ପରୀକ୍ଷଣ ସଫଳତାର ସହିତ ସମ୍ପାଦନ କରାଯାଇଅଛି । ଏହା ବ୍ୟତୀତ, ୨୯.୭୫ କିମି ଦୈର୍ଘ୍ୟ ସୋନପୁର-ପୁରୁଣାପାଣି-ଝରମୁଣ୍ଡା ମଧ୍ୟରେ ଥିବା ରେଳ ସେକ୍ସନ ରେଳ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା କିଛି ଦିନ ପୂର୍ବରୁ ନିରୀକ୍ଷଣ କରାଯାଇଥିଲା ।ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୮୩ କିଲୋମିଟର ରେଳ ଲାଇନ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି । ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନ ନିର୍ମାଣ କରୁଛି । ଅଦ୍ୟାବଧି ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ଝରମୁଣ୍ଡା ପର୍ଯ୍ୟନ୍ତ ୭୭ କିଲୋମିଟର ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇଛି । ଏହା ବ୍ୟତୀତ ଝରମୁଣ୍ଡା ଠାରୁ ବୌଦ୍ଧ ପର୍ଯ୍ୟନ୍ତ ୧୬.୨୭ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗର ନିର୍ମାଣ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି । ପ୍ରାୟ ୨୭ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ବୌଦ୍ଧ ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ଏହି ରେଳ ସେକ୍ସନ ଆସନ୍ତା କିଛି ମାସ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି ।ସୋନପୁର-ପୁରୁଣାପାଣି-ଝରମୁଣ୍ଡା ରେଳ ସେକ୍ସନରେ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୦୭ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୦୪ ରୋଡ୍ ଓଭର ବ୍ରିଜ୍ (ROBs), ୨୨ ରୋଡ୍ ଅଣ୍ଡର ବ୍ରିଜ୍ (RUBs) / ସୀମିତ ଉଚ୍ଚତା ସବୱେ (ଖଐଝ) ଏବଂ ୬୫ ଟି ଛୋଟ ବ୍ରିଜ୍ ଅନ୍ତର୍ଭୁକ୍ତ ଏହା ବ୍ୟତୀତ, ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ମଧ୍ୟରେ ୦୬ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍, ୦୧ ରୋଡ୍ ଓଭର ବ୍ରିଜ୍, ୧୨ ରୋଡ୍ ଅଣ୍ଡର ବ୍ରିଜ୍ (ଜଟଇଷ୍ଠ) / ସୀମିତ ଉ଼ଚ୍ଚତା ସବୱେ (ଖଐଝ) ଏବଂ ୩୭ ଟି ଛୋଟ ବ୍ରିଜ୍ ସହିତ ୧୬.୦୫ ଲକ୍ଷ କମ ମାଟି କାର୍ଯ୍ୟ ଅନ୍ତର୍ଭୁକ୍ତ ୧ ଏହା ଦ୍ୱାରା ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ବର୍ତ୍ତମାନ ରେଳ ନେଟୱର୍କ ମାଧ୍ୟମରେ ପଶ୍ଚିମ ଓଡିଶା ସହିତ ସଂଯୋଗ ହୋଇପାରିଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି । ଏହି ସାର୍ବଜନୀନ କେନ୍ଦ୍ର ପ୍ରକଳ୍ପ, ଦୂରବର୍ତ୍ତୀ ଉପାନ୍ତ ଅଞ୍ଚଳ ସହିତ ସଂଯୋଗ କରାଯାଇଛି ଏହାକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ତୀକ୍ଷ୍ଣ ନଜର ରଖାଯାଇଛି । ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ପ୍ରକଳ୍ପର ଶୀଘ୍ର ସମାପ୍ତିକୁ ଲକ୍ଷ୍ୟ କରି ରେଳବାଇ ପାର୍ଶ୍ୱରୁ ଏହି ପ୍ରକଳ୍ପ ନିର୍ମାଣ କରୁଛି ।

# ଇଫକୋ ପ୍ରବନ୍ଧ ନିର୍ଦ୍ଦେଶକଙ୍କ ତିନି ଦିନିଆ ପାରାଦୀପ ଗସ୍ତ



ପାରାଦୀପ,(ପି.ଏନ): ବିଶ୍ୱର ସର୍ବବୃହତ ସମବାୟଭି ିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ତିନି ଦିନିଆ ପାରାଦୀପ ଗସ୍ତରେ ଆସିଥିଲେ । ପାରାଦୀପ ୟୁନିଟ୍‌ରେ ୭୮ତମ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଗସ୍ତ ଅବସରରେ ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ମୁଖ୍ୟ ଶାସନ ସଚୀବ ମନୋଜ ଆହୁଜାଙ୍କୁ ସୌଜନ୍ୟମୂଳକ ସାକ୍ଷତ କରିଥିଲେ । ଡ. ଅଓସ୍ତିଙ୍କ ସହିତ ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ଉପସ୍ଥିତ ଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ଇଫକୋ ଓଡିଶାର କୃଷି କ୍ଷେତ୍ରରେ ଇଫକୋ ସାର କାରଖାନାର ଅବଦାନ ଉପରେ ଗୁରୁତ୍ୱାରୋପ କରିବା ସହିତ ଇଫକୋ ଦ୍ୱାରା ପ୍ରସ୍ତୁତ ତରଳ ସାର, ଡିଏପି ଏବଂ ୟୁରିଆ ସାର ଉତ୍ପାଦନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚୀବ ମନୋଜ ଆହୁଜାଙ୍କୁ ଡ.ଆଓସ୍ତିଙ୍କୁ ଭେଟିବା ଅବସରରେ ଇଫକୋର ନୂତନ ପୁଂଜି ବିନିଯୋଗ ଏବଂ ଓଡିଶାରେ ଚାଲିଥିବା ପ୍ରକଳ୍ପ ସହିତ ପାରାଦୀପରେ ସମଫ୍ୟୁରିକ ଏସିଡ୍ ପ୍ଲା , ନାନୋ ଫର୍ଟିଲାଇଜର ପ୍ଲା ଏବଂ ନଦୀଭି ିକ ବନ୍ଦର ଜେଟି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିବା କହିଥିଲେ । କଟକ ପାରାଦୀପ ମଧ୍ୟରେ ଯାତାୟତର ସୁବିଧା ସୁଦୃଢ଼ କରିବା ପାଇଁ ଏକ ନୂତନ ମେଟ୍ରୋ ରେଳର ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ । ଏଥି ସହିତ ଅଂଚଳବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏକ ଅତ୍ୟାଧୁନିକ ଡାକ୍ତଖାନା ତଥା ସୁପର ସ୍ପେସାଲିଟି ହସ୍ପିଟାଲ ପ୍ରତିଷ୍ଠା ସହିତ ଶିକ୍ଷାନୁଷ୍ଠାନର ଆର୍ଥିକ ଅନୁଦାନପ୍ରାପ୍ତ ତଥା ପରିଚାଳିତ ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତମାନଙ୍କୁ ନିୟୋଜିତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହିତ ପାରାଦୀପ ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଡ.ଆଓସ୍ତି ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଇଫକୋ ପାରାଦୀପ ୟୁନିଟ୍‌ରେ ଚାଲିଥିବା ପ୍ରକଳ୍ପ ଏବଂ ଶିକ୍ଷାନୁଷ୍ଠାନର ଆର୍ଥିକ ଅନୁଦାନପ୍ରାପ୍ତ ସୁପର ସ୍ପେସାଲିଟି ସ୍ପିଟାଲ ଏବଂ ପ୍ରସ୍ତାବିତ ନୂତନ ମେଟ୍ରୋ ରେଳ ପ୍ରକଳ୍ପ ଅଂଚଳବାସୀଙ୍କ ପାଇଁ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray